୬ ପାକିସ୍ତାନର ବଡ଼ ବିପର୍ଯ୍ୟୟ : ୫୫ ରନ୍‌ରେ ଅଟକାଇଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୧୭ ● ୬ ସେପ୍ଟେମ୍ବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-217 ● 6th September 2026, Sunday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ଗୁରୁ ଦିବସ ସମାରୋହ

# ଆଗାମୀ ୩ ବର୍ଷରେ ପୂରଣ ହେବ ୪୫ ହଜାର ଶିକ୍ଷକ ପଦବୀ

**କଟକ, ୫।୯**

**ନ୍ୟୁଜ୍ ବ୍ୟୁରୋ**

ସୋସିଆଲ ମିଡିଆରେ ଅଧିକ ସମୟ ନଷ୍ଟ ନକରିବାକୁ, ଅପପ୍ରଚାରର ବଶବର୍ତ୍ତୀ ନହୋଇ ଏକମନ ଓ ଏକପ୍ରାଣ ହୋଇ ପାଠ ପଢ଼ିବାକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ପରାମର୍ଶ ଦେଇଛନ୍ତି। କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲଠାରେ ଆୟୋଜିତ ଗୁରୁ ଦିବସ ସମାରୋହରେ ଯୋଗଦେଇ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନିଜର କ୍ୟାରିୟର ଗଢିବା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇ ଏହା କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ଭାବରେ ତୁମ ମାନଙ୍କର ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢି ଦକ୍ଷତା ହାସଲ କରିବ ଏବଂ ନିଜର ଓ ଦେଶର ବିକାଶରେ ଯୋଗଦାନ ରଖିବ। ଏହା ହେଉଛି ଆମ ଶିକ୍ଷା ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ। ତେଣୁ ଅନ୍ୟ କୌଣସି ବିଷୟରେ ଯାହା ତୁମର କ୍ୟାରିୟର ଗଢିବାରେ ବାଧା ସୃଷ୍ଟି କରିବାର ସମ୍ଭାବନା ରହିଛି ସେଥିରୁ ଦୂରେଇ ରହିବାକୁ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଲୋକପାତ କରି ଏହା ଆଜିର ସମୟରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହିତ ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ *(ପୃଷ୍ଠା ୭ରେ)*

# ଖୁବ୍‌ଶୀଘ୍ର ଆଉଟର ରିଂ ରୋଡ୍ ପ୍ରକଳ୍ପ କାମ ଆରମ୍ଭ ହେବ

## ରଘୁନାଥପୁର-ତ୍ରିଶୁଳିଆ ଏବଂ ଷ୍ଟୁଡ଼ିଓ ଛକ-ନୂଆଗାଁ ଦେଇ ହେବ ଏଲିଭେଟେଡ୍ ରାସ୍ତା

**ଭୁବନେଶ୍ୱର, ୫।୯**

**ନ୍ୟୁଜ୍ ବ୍ୟୁରୋ**

ରାସ୍ତା, ସେତୁ ଓ କୋଠାବାଡ଼ି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନୁମୋଦନ ପାଇଛି । ଆଗାମୀ ଦିନରେ ଆହୁରି ଅଧିକ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି । ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।



ଶନିବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରଘୁନାଥପୁର-ତ୍ରିଶୁଳିଆ ଏଲିଭେଟେଡ୍ କରିଡର ରାସ୍ତା ନିର୍ମାଣ ସହ ଷ୍ଟୁଡିଓ ଛକ-ନୂଆଗାଁକୁ ମଧ୍ୟ ଏଲିଭେଟେଡ୍ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ପିପିଲି-କୋଣାର୍କ ରାସ୍ତା ନିର୍ମାଣ, ଦୟା ୱେଷ୍ଟର ପ୍ରଥମ ଏବଂ ତୃତୀୟ ଫେଜ୍ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା ।

ବୈଠକରେ ଭୁବନେଶ୍ୱର ଇନର୍ ରିଂ ରୋଡ୍ ସହ ଆଉଟର ରିଂ ରୋଡ୍ ର ନୂଆ ଆଲାଇନମେଣ୍ଟ, କଳ୍ପନା *(ପୃଷ୍ଠା ୭ରେ)*

# ରାଜ୍ୟରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୫।୯**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପର୍ଯ୍ୟଟନର ବିକାଶକୁ ଅଧିକ ଗତିଶୀଳ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ସହ ଯୋଡ଼ିବା ଉଦ୍ଦେଶ୍ୟରେ ଶନିବାର ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଓଡ଼ିଶା ପର୍ଯ୍ୟଟନ ଭିଜନ୍-୨୦୩୬/୪୭' ଆଧାରରେ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ (ଏଲଟିପିସି)ର ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ ଏବଂ ପରିଷଦର ସଦସ୍ୟ ଥିବା ଥାନା ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ 'ବିକଶିତ ଓଡ଼ିଶା-୨୦୩୬' ଏବଂ 'ବିକଶିତ ଭାରତ-୨୦୪୭' ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ରାଜ୍ୟରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ପର୍ଯ୍ୟଟନ କିପରି ସ୍ଥାନୀୟ ଅର୍ଥନୀତି ସମେତ ଜିଲ୍ଲା, ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ "ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା" ଆଭିମୁଖ୍ୟକୁ ଦୋହରାଇ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ଅଧିକାରୀମାନଙ୍କୁ ସ୍ଥାନୀୟସ୍ତରରେ ପର୍ଯ୍ୟଟନର ବିକାଶ ପାଇଁ ସକ୍ରିୟ ଭୂମିକା ନେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ନୀତି, ସ୍ଥାନୀୟ ପର୍ଯ୍ୟଟନର ବିକାଶ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଓଡ଼ିଶା ହୋମ୍ ଷ୍ଟେ ଏଷ୍ଟାବ୍ଲିସମେଣ୍ଟ ସ୍କିମ୍-୨୦୨୫' *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ୯/୧୧ ବାର୍ଷିକୀ ପୂର୍ବରୁ ଅଲ-କାଏଦା ସହଯୋଗୀଙ୍କ ଉପରୁ ପ୍ରତିବନ୍ଧକ ଉଠାଇଲେ ଟ୍ରମ୍ପ।
- ୟୁନେସ୍କୋ ବିଶ୍ୱ ଐତିହ୍ୟରେ ସାମିଲ ହେବ ଆସାମର ଅହୋମ ସଭ୍ୟତା, ନାମାଙ୍କନ କଲା ଭାରତ।
- ନେପାଳ ଭୋଟେକୋଶି ବନ୍ୟା ବିପର୍ଯ୍ୟୟ: ଏପର୍ଯ୍ୟନ୍ତ ୧,୩୪୪ ମୃତଦେହ ଉଦ୍ଧାର , ୪,୮୯୮ ଏପର୍ଯ୍ୟନ୍ତ ନିଖୋଜ।
- ପ୍ରଥମ ଥର ମୃତ୍ୟୁ ସଂଖ୍ୟା ସାର୍ବଜନୀନ କଲା ଚୀନ, ଏପର୍ଯ୍ୟନ୍ତ ୩୧ ଟି ମୃତଦେହ ଉଦ୍ଧାର ଏବଂ ୫୩୧ ଜଣ ନିଖୋଜ।
- ବଲିଭିଆର ସାମରିକ ଘାଟିରେ ବିସ୍ଫୋରଣରେ ଅତି କମରେ ୧୦ ଜଣଙ୍କର ମୃତ୍ୟୁ, ୬୨ ଜଣ ଆହତ।

# ଓଡ଼ିଶାର ୪ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୫।୯**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଗୁରୁ ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାରା ଦେଶର ଅସାଧାରଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚ ଶିକ୍ଷା ଏବଂ ବୈଷୟିକ ତାଲିମ କ୍ଷେତ୍ରରେ ୮୨ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଜାତୀୟ ପୁରସ୍କାର ଦିଆଯାଇଛି। ଏହି ଅବସରରେ ଓଡ଼ିଶାର ୪ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ମିଳିଛି।

ଜଗତସିଂହପୁର ଜିଲ୍ଲା ଆଳିପିଙ୍ଗଳ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦ୍ମରଜ ଉମାକାନ୍ତ ନାୟକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷକ ମହମ୍ମଦ ଜଫର ଆଲମଙ୍କୁ ମଧ୍ୟ ଜାତୀୟ ପୁରସ୍କାର *(ପୃଷ୍ଠା ୭ରେ)*

# କମ୍ବାଇନ୍ଡ୍ ପୋଲିସ୍ ସର୍ଭିସ୍ ପରୀକ୍ଷା କେବେ ହେବା ନେଇ ସରକାରଙ୍କୁ ପ୍ରଶ୍ନ କଲେ ନବୀନ

**ଭୁବନେଶ୍ୱର, ୫।୯**

**ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ପଟେ ୧୩ତମ ବ୍ୟାଚ୍‌ର ୩୩୬ ଜଣ ସବ୍-ଇନ୍ସପେକ୍ଟର୍ ଦୁଇ ବର୍ଷର ପ୍ରଶିକ୍ଷଣ ଶେଷ କରି ଓଡ଼ିଶା ପୋଲିସରେ ଯୋଗ ଦେଇଥିବା ବେଳେ, ଅନ୍ୟପଟେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ହଜାର ହଜାର ଯୁବକ-ଯୁବତୀ ଏବେ ବି ଅନିଶ୍ଚିତତାରେ ରହିଛନ୍ତି। ଏହାକୁ ନେଇ *(ପୃଷ୍ଠା ୭ରେ)*

# ପୁଲିସ୍ ସେବା ପରୀକ୍ଷା ପାଇଁ ଘୋଷଣା ଖୁବ୍ ଶୀଘ୍ର

**ଭୁବନେଶ୍ୱର, ୫।୯ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସଏସସି) ପକ୍ଷରୁ ଓଡ଼ିଶା ପୁଲିସ୍ ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ କନଷ୍ଟେବଳ ସ୍ତରୀୟ ପଦବୀ ଓ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏ ସମ୍ପର୍କିତ ବିସ୍ତୃତ ବିଜ୍ଞାପନ, ଯେଉଁଥିରେ ପଦବୀ ସଂଖ୍ୟା, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଅନ୍ୟାନ୍ୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପାଗଗୁଡା ମୁଣ୍ଡେ ଭିଡି ପକାନ୍ତି
ଅଣ୍ଟାରେ ଖୋସନ୍ତି ଲୁଗା
ମାର୍ଚ୍ଚ ଏପ୍ରିଲ ପଞ୍ଚାୟତେ ସବୁ
ବଜେଇବେ ନେତା ଚୁଙ୍ଗା
ଆଚରବିଚାର ଆଗୁଆ ବାଗା
ନହେଲେ ଜନତା ଭଲସେ ଜାଣଇ
ଖାଲି କରିଦେବେ ଜାଗା।




# ବାଂଲାଦେଶରେ ମିଳିମିଳା ଆତଙ୍କ : ପ୍ରାୟ ୧,୦୦୦ ଶିଶୁଙ୍କ ମୃତ୍ୟୁ !



**ଢାକା, ୫।୯**

ବାଂଲାଦେଶରେ ମିଳିମିଳା ରୋଗର ପ୍ରକୋପ ଆହୁରି ଖରାପ ହେଉଛି। ଦେଶରେ ମାର୍ଚ୍ଚ ମାସରୁ, ମିଳିମିଳା ଏବଂ ମିଳିମିଳା ଭଳି ଲକ୍ଷଣ ଯୋଗୁଁ ୯୮୭ ଜଣଙ୍କର ମୃତ୍ୟୁ ହୋଇଛି, ଯେତେବେଳେ କେବଳ ଗତ ୨୪ ଘଣ୍ଟା ମଧ୍ୟରେ ୧,୧୧୪ ସନ୍ଦେହଜନକ ମାମଲା ରିପୋର୍ଟ ହୋଇଛି। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ପିଲା ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ସୂଚିତ କରୁଛି ଯେ ଏହି ପ୍ରକୋପ ଦେଶ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇଥିବା ସବୁଠାରୁ ଗମ୍ଭୀର ମିଳିମିଳା ସଙ୍କଟ ମଧ୍ୟରୁ ଗୋଟିଏ ହୋଇଗଲାଣି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ ମାର୍ଚ୍ଚ ୧୫ ତାରିଖରୁ ସନ୍ଦିଗ୍ଧ ମିଳିମିଳା ରୋଗରେ ୮୮୮ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ନିଶ୍ଚିତ ମିଳିମିଳା ମୃତ୍ୟୁ ସଂଖ୍ୟା ୯୯ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ନିଶ୍ଚିତ ମିଳିମିଳା *(ପୃଷ୍ଠା ୭ରେ)*


PATANJALI wellness Yoga, Ayurveda & Naturopathy
+91-8954666111

ପତଞ୍ଜଳି ସୁସ୍ଥତା
ଯୋଗଗ୍ରାମ
ନିରାମୟ

NABH AH-2026-0472

ମାତ୍ର ୭ ଦିନରେ ସ୍ଥୂଳତା, ରକ୍ତଚାପ, ମଧୁମେହ, ଥାଇରଏଡ୍, ଚର୍ମ ରୋଗ, ବନ୍ଧ୍ୟାତ୍ୱ, ପାଇଲ୍ସ, କ୍ରନିକ୍ ଲିଭର କ୍ରନିକ୍ ବୃକକ, କ୍ରନିକ୍ କୋଷ୍ଠକାଠିନ୍ୟ, କୋଲାଇଟିସ୍, ଆଥ୍ରାଇଟିସ୍, ହୃଦ୍ ସମସ୍ୟା ଏବଂ ସମସ୍ତ ଜୀବନଶୈଳୀ ଏବଂ କ୍ରନିକ୍ ରୋଗ ଦୂର କରନ୍ତୁ। ସାତରୁ ଦଶ ଦିନିଆ ଆବାସିକ ଚିକିତ୍ସା ମଧ୍ୟରେ, ଆପଣ ପଞ୍ଚକର୍ମ, ଶଟ୍‌କର୍ମ, ଶଙ୍ଖପ୍ରକ୍ଷାଳନ, କୋଲନ୍ ଥେରାପି, ବସ୍ତି, ଶିରୋଧାରା, କର୍ଣ୍ଣପୂର୍ଣ୍ଣା, ଅଭ୍ୟଙ୍ଗ, ବାତ ମୋକ୍ଷଣ, ଶୃଙ୍ଗି ଚିକିତ୍ସା, ଲିଚଥେରାପି, ଅଗ୍ନିକର୍ମ, କର୍ଣ୍ଣ ଭେଦ, ଓଜୋନ୍ ଥେରାପି, ସ୍ୱେଦାନ, ଆକ୍ୟୁପଙ୍କଚର, ଆକ୍ୟୁପ୍ରେସର, ଯୋଗିକ ଫିଜିଓଥେରାପି, ଯଜ୍ଞ ଚିକିତ୍ସା, ମନ୍ତ୍ର ଚିକିତ୍ସା, ଇତ୍ୟାଦି ସମେତ ପ୍ରାୟ ୫୦୦ ପ୍ରକାରର ଚିକିତ୍ସା ସହିତ ସମ୍ପୂର୍ଣ୍ଣ ଶରୀରକୁ ବିଷମୁକ୍ତ କରିପାରିବେ ଏବଂ ବାତ, ପିତ୍ତ ଏବଂ କଫ ଇତ୍ୟାଦି ତ୍ରିଦୋଷକୁ ସନ୍ତୁଳିତ କରିପାରିବେ। ଆପଣମାନଙ୍କୁ ପୁନର୍ଜୀବନ ଏବଂ ପରିବର୍ତ୍ତନ ପାଇଁ ସାଦର ଆମନ୍ତ୍ରଣ।

୭ ଦିନର ବୁକିଂ ଉପରେ ୧୦% ଏବଂ ୧୦ ଦିନ କିମ୍ବା ତା'ଠାରୁ ଅଧିକ ବୁକିଂ ଉପରେ ୨୦% ର ଏକ ସ୍ୱତନ୍ତ୍ର ରିହାତି।





ସମନ୍ୱିତ ଏବଂ ବୈଜ୍ଞାନିକ ଭିତ୍ତିକ ଚିକିତ୍ସା ସେବା ଉପଲବ୍ଧ




ପତଞ୍ଜଳି ୱେଲନେସ୍ ଏବଂ ଯୋଗଗ୍ରାମରେ ପଞ୍ଜିକରଣ କରିବାକୁ ଯୋଗାଯୋଗ କରନ୍ତୁ :

Call: 8954-666-111, 8954-666-222

ସାମରିକ, ଅର୍ଦ୍ଧସାମରିକ ଏବଂ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରମୁଖ ବୀମା କମ୍ପାନୀର କାର୍ଡଧାରକଙ୍କ ପାଇଁ ମାଗଣା ନଗଦହୀନ ଏବଂ ପ୍ରତିପୂରଣ ଚିକିତ୍ସା ସେବା ଉପଲବ୍ଧ

CAPF CGHS ECHS MAGMA STAR Health Insurance

୫୦+ ବୀମା ଏବଂ ଟିପିଏ କମ୍ପାନୀଗୁଡ଼ିକ

ଆସ୍ଥା ଚ୍ୟାନେଲ, ଇଣ୍ଡିଆ ଟିଭି କିମ୍ବା ୟୁଟୁଭ୍ ଆଦିରେ ଯୋଡିହୋଇ ପ୍ରତିଦିନ ଯୋଗ ଅଭ୍ୟାସ କରନ୍ତୁ

ପ୍ରାତଃ: ୫ରୁ ୭:୩୦ ଏବଂ ୮ରୁ ୯ଟା ରାତି

आस्था LIVE | संस्कार Everyday 9:00 am | INDIA TV Everyday 8:00 am | YouTube Swami Ramdev | Acharya Bal Krishna

ଘରେ ବସି ୨୪X୭ ମାଗଣା ଟେଲିମେଡିସିନ୍ ସେବା ଦ୍ୱାରା ରୋଗର ଉପଚାର ଜାଣିବା ଏବଂ ଆମର ବରିଷ୍ଠ ଡାକ୍ତରୀ ପରାମର୍ଶ ପାଇଁ, ଟୋଲ୍-ଫ୍ରି ନମ୍ବର

1800 296 1111

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଓଡ଼ିଶାରେ ଆଗକୁ ଭୂସ୍ଖଳନ ବିପଦ

୨୦୧୮ ଅକ୍ଟୋବର ୧୧ । ତିତ୍‌ଲି ବାତ୍ୟା ପ୍ରକୋପରେ ପ୍ରଥମ ଥର ପାଇଁ ଭୟାନକ ଭୂସ୍ଖଳନ ସାମ୍ନା କଲା ଓଡ଼ିଶା । ଗଜପତି ଜିଲ୍ଲାରେ ମାଟି ଅତଡ଼ା ସହ କାଦୁଅ ଏମିତି ଧସିଲା, ୪୯ ଜୀବନ ଚାଲିଗଲା । ଜିଲ୍ଲାର ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗାଁରେ ହିଁ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା । ସେପ୍ଟେମ୍ବର ୧୬, ୨୦୨୫ । କନ୍ଧମାଳ ଜିଲ୍ଲା କଳିଙ୍ଗାଘାଟିରେ ବଡ଼ ଧରଣର ଭୂସ୍ଖଳନ । ଏତେ ବଡ଼ ପଥର ଆଗରୁ କେବେ ଧସିନଥିଲା । ଦୀର୍ଘ ମାସ ଧରି ରାସ୍ତା ବନ୍ଦ ରହିଲା । ଏବେ ବି ଫାଳେ ରାସ୍ତାରେ ଦି’ ପଟୁ ଗାଡ଼ିମୋଟର ଯା’ ଆସ କରୁଛି । ୨୦୨୨ରେ ଦାରିଙ୍ଗିବାଡ଼ି ବ୍ଲକ ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରିପଦରେ ଭୂସ୍ଖଳନ ଯୋଗୁ ୯୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଗତ ଅଗଷ୍ଟ ୯ ତାରିଖରେ ବି ସେଇ ଅଞ୍ଚଳରେ ମାଟି ଧସିବାରୁ ୪ଟି ପରିବାରକୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲା । ଏସବୁ ଘଟଣା ସୂଚାଇ ଦେଉଛି, ବନ୍ୟା, ବାତ୍ୟା ପ୍ରବଣ ଓଡ଼ିଶା ବି ଭୂସ୍ଖଳନ ବିପଦରୁ ମୁକ୍ତ ନୁହେଁ । ନେପାଳରେ ଯେଉଁଭଳି ଭୟାନକ ସ୍ଥିତି ଦେଖିବାକୁ ମିଳିଲା, ତା’ପରଠାରୁ ପ୍ରକୃତିର କରାଳ ରୂପକୁ ନେଇ ଡର ବଢ଼ିଛି । ବିଶେଷଜ୍ଞଙ୍କ ମତରେ, ଭୌଗଳିକ ସ୍ଥିତି କାରଣରୁ ଦକ୍ଷିଣ ଓଡ଼ିଶାକୁ ଭୂସ୍ଖଳନ ବିପଦ ବେଶି । ଦିନକୁ ଦିନ ପ୍ରକୃତି ଦେଖାଉଛି କରାଳ ରୂପ । ଅଚାନକ ବାଦଲ ଫଟା ବର୍ଷା କେତେବେଳେ କିଛି ବି କରିପାରେ । ଏମିତିରେ ପାହାଡ଼ ଧସିବା, ମାଟି ଅତଡ଼ା ଖସିବା ଭୟ ବଢୁଛି । ତାମିଲନାଡୁ କୋଏମ୍ବାଟୁରସ୍ଥିତ ଅମ୍ରିତା ବିଶ୍ୱ ବିଦ୍ୟାପୀଠ ସହ ମିଶି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ ଓ ଗବେଷଣା କେବଳ କଥାରେ ଅଟକିଛି । ଏପରିକି ଆଗୁଆ ସତର୍କ ସୂଚନା ଜାରି ପାଇଁ ସେନସରଭିତ୍ତିକ ୱାର୍ଣ୍ଣିଂ ସିଷ୍ଟମ ବି ଏଯାଏ ଲାଗିପାରିଲାନି । ସଚେତନତା ବି ଶୂନ । ନେପାଳରେ ଆସିଥିବା ବିପର୍ଯ୍ୟୟ ସମୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସଡମା)ର ଏକ ଟିମ୍ ସିକିମ ଗସ୍ତ କରି ଗାଙ୍ଗଟକ୍‌ରେ ବୈଷୟିକ ଜ୍ଞାନ ନେଉଥିଲେ । ସିକିମ ମଡେଲ୍ ଅନୁଧ୍ୟାନ କରି ଏହି ଟିମ୍ ଫେରିଛନ୍ତି । କିନ୍ତୁ, ଓଡ଼ିଶାରେ କ’ଣ କରାଯିବ, ସେଥିନେଇ କିଛି ଠୋସ୍ ଏଜେଣ୍ଡା ନାହିଁ । କର୍ତ୍ତୃପକ୍ଷ କହୁଛନ୍ତି, ବ୍ୟାପକ ଗଛ ପଦା ହେଉଥିବା ପାହାଡ଼ରେ ନୂଆ ଜଙ୍ଗଲ ସୃଷ୍ଟି କରିବାକୁ ପଡ଼ିବ । ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ ହେବ । ବ୍ୟାପକ ଜନସଚେତନତା କରାଯିବ । ବିଶେଷଜ୍ଞ କହନ୍ତି, ଭୂସ୍ଖଳନ ପ୍ରବଣ ତାଲିକାରେ ଗଜପତି, ମାଲକାନଗିରି, କୋରାପୁଟ, କନ୍ଧମାଳ, ରାୟଗଡ଼ା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ରହିଛି । ଏହାବାଦ୍ ନୟାଗଡ଼, ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ବୌଦ୍ଧରେ ବି ମାଟି ଅତଡ଼ା ଧସିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଗଜପତି ଜିଲ୍ଲାର ୧୩୯ଟି ସ୍ଥାନ ଭୂସ୍ଖଳନ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି । ଜିଲ୍ଲାର ଆର.ଉଦୟଗିରି, ବୁଢ଼ିଶୀଳ ଘାଟି, ମାର୍ଲବା ଘାଟି, ମଣ୍ଡଳସାହି ରାଶିବାଡ଼ ଘାଟି ତଳ ଅଞ୍ଚଳ ଅତ୍ୟନ୍ତ ସମ୍ବେଦନଶୀଳ । ସେହିପରି ୨୦୦୬ରେ ରାୟଗଡ଼ା ଜିଲ୍ଲାରେ ଭୂସ୍ଖଳନ ଘଟି ୬ଜଣଙ୍କର ମୃତ୍ୟୁ ହୋଇଥିଲା । ରାୟଗଡ଼ା ସହର ଭିତରେ ଥିବା ଖ୍ରନଖ୍ରନା, ଲଣ୍ଡା, ଜୟଗୁରୁ ପାହାଡ଼ରେ ମାଟି ଧସିଲେ ସହର ପାଇଁ ବଡ଼ ବିପଦ ଆଣିପାରେ । ନିୟମଗିରି ପାହାଡ଼କୁ ନେଇ ବିଷମ କଟକର କୁର୍ଲି, ମୁନିଗୁଡ଼ାର ଶିବପଦର, କଲ୍ୟାଣସିଂହପୁରର ପାରସାଲି ପଞ୍ଚାୟତକୁ ବି ବିପଦ ରହିଛି । କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟି ତଳେ ଥିବା ରାସ୍ତା ଓ ଦାରିଙ୍ଗିବାଡ଼ିର କୁମ୍ଭାରିପଦର, ରାଇକିଆ ବ୍ଲକର ଢେପଗୁଡ଼ା ଅଞ୍ଚଳ ପାଇଁ ଭୂସ୍ଖଳନ ବିପଦ ସବୁବେଳେ ରହିଛି । ମୟୂରଭଞ୍ଜ ଜିଲ୍ଲାରେ ଶିମିଳିପାଳ ପାହାଡ଼ ୨୭୫୦ ବର୍ଗ କିମିକୁ ବ୍ୟାପି ରହିଛି । ଶିମିଳିପାଳର ବଫର ଜୋନ୍‌ରେ ୫୮ଟି ଗାଁ ଥିବାବେଳେ ଚାରିପାଖରେ ଥିବା ବଡ଼ସାହି, ଶ୍ୟାମାଖୁଣ୍ଟା, ବାଙ୍ଗିରିପୋଷି, ସାରସକଣା, ବିଶୋଇ, ଯଶିପୁର, ଠାକୁରମୁଣ୍ଡା, କପ୍ତିପଦା, ଉଦଳା, ଖୁଣ୍ଟି ବ୍ଲକର ଅନେକ ଗାଁକୁ ମାଟି ଅତଡ଼ା ଧସିବା ଭୟ ରହିଛି । ବାଙ୍ଗିରିପୋଷି ଘାଟି ୪୯ ନମ୍ବର ଜାତୀୟ ରାଜପଥ ପାଇଁ ବଡ଼ ବିପଦ ହୋଇଥିବାବେଳେ ବିଶୋଇ-ଯଶୀପୁର ମଧ୍ୟରେ ଥିବା ଗାଁଗୁଡ଼ିକ ପାଇଁ ଭୂସ୍ଖଳନ ଆଶଙ୍କା ରହିଛି । ବାଂଶପାଳ ବ୍ଲକର ବାରହାଗଡ଼ ପଞ୍ଚାୟତ, ଗୋନାଶିକା, କୁଆଁର, କରଙ୍ଗାଡିହି, ଟଣ, ବାୟାକୁମୁଟିଆ, ସାହାରପୁର, ତରମାକାନ୍ତ, ସିଙ୍ଗପୁର, କାଦକଳା, ତଳଚମ୍ପେଇ, ତଳକଇଁସାରୀ, ହରିଚନ୍ଦନପୁର ବ୍ଲକର ଚନ୍ଦନଗିରି, ବଡ଼ପଳାଶପାଳ, ରାସୋଳ, ଟାଙ୍ଗରିଆପାଳ, ତେଲକୋଇ ବ୍ଲକର କରଦାଙ୍ଗୀ, ତାଳପଦା, ଶିବନାରାୟଣପୁରଗୋଡ଼ା, ପୁରୁଯୋଡ଼ା, କାଳିଆହୋତା, ଯୋଡ଼ା ବ୍ଲକର ଜଳହରି, କାଳିମାଟି, ଗୁଆଲି ଆଦି ଗାଁ ପାହାଡ଼ ତଳେ ରହିଛି । ବର୍ଷା ସମୟରେ ବାରମ୍ବାର ମାଟି ଅତଡ଼ା ଧସିବା ନଜିର ରହିଛି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତ, ବୌଦ୍ଧ ବ୍ଲକର ଟିକରପଡ଼ା ପଞ୍ଚାୟତ ଏବଂ ଆମ୍ବଝରୀ ପଞ୍ଚାୟତର ବିଭିନ୍ନ ଗାଁ ପାହାଡ଼ ଉପରେ ରହିଛି ।

# ଯେଉଁ ରାତିରେ କୃଷ୍ଣ ଜନ୍ମ ନେଲେ, ସେହି ରାତିରେ ଆଶା ଜନ୍ମ ନେଲା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯



ଅନ୍ଧାର ରାତି ଥିଲା। ମଥୁରାର କାରାଗାରରେ ବନ୍ଦୀ ଥିଲେ ଦେବକୀ ଓ ବସୁଦେବ। ଚାରିଆଡ଼େ ଭୟ, ଅତ୍ୟାଚାର ଓ ନିରାଶାର ପରିବେଶ। କିନ୍ତୁ ସେହି ଗଭୀର ଅନ୍ଧକାରର ଛାତି ଚିରି ଯେତେବେଳେ ଶ୍ରୀକୃଷ୍ଣ ଜନ୍ମ ନେଲେ, ସେତେବେଳେ କେବଳ ଜଣେ ଶିଶୁ ଜନ୍ମ ନେଇନଥିଲେ—ଜନ୍ମ ନେଇଥିଲା ଆଶା, ଜନ୍ମ ନେଇଥିଲା ସାହସ, ଜନ୍ମ ନେଇଥିଲା ଧର୍ମର ବିଜୟର ଏକ ଅମର ବିଶ୍ୱାସ। ସେଥିପାଇଁ ଜନ୍ମାଷ୍ଟମୀ କେବଳ ଏକ ପର୍ବ ନୁହେଁ; ଏହା ମଣିଷର ଅନ୍ତରରେ ଆଲୋକ ଜାଗିଉଠିବାର ଏକ ପବିତ୍ର ମୁହୂର୍ତ୍ତ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ଆସିଲେ ଆମ ଘରେ ଘରେ କାହ୍ନାଙ୍କ ଆଗମନ ପାଇଁ ପ୍ରସ୍ତୁତି ହୁଏ। କେଉଁଠି ଶଙ୍ଖ ବାଜେ, କେଉଁଠି ହରିନାମ ଶୁଭେ, କେଉଁଠି ଛୋଟ ଶିଶୁଟିଏ କୃଷ୍ଣ ବେଶରେ ହସୁଥାଏ, ଆଉ କେଉଁଠି ମାଆ ନିଜ ହାତରେ କାହ୍ନାଙ୍କ ପାଇଁ ନୈବେଦ୍ୟ ସଜାଉଥାଏ। ଏହି ସବୁ ଦୃଶ୍ୟ କେବଳ ଉତ୍ସବର ନୁହେଁ; ଏହା ଆମ ସଂସ୍କୃତି, ଆମ ପରିବାର, ଆମ ସ୍ମୃତି ଓ ଆମ ଭକ୍ତିର ଚିତ୍ର। କୃଷ୍ଣଙ୍କୁ ଆମେ କେତେ ରୂପରେ ଦେଖୁ—ଯଶୋଦାଙ୍କ ନଟଖଟ ଲାଲ, ଗୋପାଳମାନଙ୍କ ସାଙ୍ଗ, ଗୋପୀମାନଙ୍କ ପ୍ରାଣର କାହ୍ନା, ଗୋବର୍ଦ୍ଧନଧାରୀ, କଂସବିନାଶକ, ଦ୍ୱାରକାଧୀଶ ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସାରଥୀ। କିନ୍ତୁ ଏହି ସମସ୍ତ ରୂପର ପଛରେ ଥିବା କୃଷ୍ଣ ହେଉଛନ୍ତି ମଣିଷ ଜୀବନର ମହାନ ଶିକ୍ଷକ। ତାଙ୍କ ଜୀବନ ଆମକୁ ଶିଖାଏ—ପରିସ୍ଥିତି ଯେତେ କଠିନ ହେଉ, ନିଜ କର୍ତ୍ତବ୍ୟରୁ ପଛକୁ ହଟିବା ନୁହେଁ। ଏହି ଶିକ୍ଷା ଆଜିର ଛାତ୍ରଛାତ୍ରୀଙ୍କ ପାଇଁ ବୋଧହୁଏ ଆହୁରି ଆବଶ୍ୟକ। ଆଜିର ଜଣେ ଛାତ୍ରର କୁରୁକ୍ଷେତ୍ର କେବେ ପରୀକ୍ଷା ହଲ୍, କେବେ ପ୍ରତିଯୋଗିତାର ମଞ୍ଚ, କେବେ ଭବିଷ୍ୟତକୁ ନେଇ ଭୟ, ଆଉ କେବେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବାର ଅଦୃଶ୍ୟ ଯୁଦ୍ଧ। ଜଣେ ଛାତ୍ର ଭଲ ନମ୍ବର ନପାଇଲେ ନିଜକୁ ବିଫଳ ଭାବିଥାଏ, ଅନ୍ୟଜଣେ ଅନ୍ୟର ସଫଳତା ଦେଖି ନିଜ ସ୍ୱପ୍ନକୁ ଛୋଟ ଭାବିବା ଆରମ୍ଭ କରେ। କେହି ପରୀକ୍ଷାର ଫଳକୁ ନେଇ ଭୟ କରେ, କେହି ଚାକିରିକୁ ନେଇ ଚିନ୍ତିତ, କେହି ପରିବାରର ଆଶା ପୂରଣ କରିପାରିବ କି ନାହିଁ ବୋଲି ରାତିରେ ନିଦ ହରାଏ। ଏମିତି ପ୍ରତ୍ୟେକ ମନ ପାଇଁ ଗୀତାର କୃଷ୍ଣ ଆଜି ମଧ୍ୟ ଏକ ଶାନ୍ତ ସ୍ୱରରେ କହୁଛନ୍ତି—ତୁମ ହାତରେ ଅଛି ପରିଶ୍ରମ, ତୁମ ହାତରେ ଅଛି ସତ୍ୟନିଷ୍ଠା, ତୁମ ହାତରେ ଅଛି ଆଜିର କର୍ତ୍ତବ୍ୟ; ଫଳକୁ ନେଇ ଭୟ କରନାହିଁ। ଏହାର ଅର୍ଥ ଫଳକୁ ଅବହେଳା କରିବା ନୁହେଁ; ବରଂ ଫଳର ଭୟକୁ ନିଜ ପରିଶ୍ରମଠାରୁ ବଡ଼ ହେବାକୁ ନଦେବା। ଯେଉଁ ଛାତ୍ର ଆଜି ବିଫଳ ହୋଇଛି, ତା’ପାଇଁ କୃଷ୍ଣଙ୍କ ସନ୍ଦେଶ—ଏକ ପରୀକ୍ଷାର ଫଳ ତୁମ ସମଗ୍ର ଜୀବନର ପରିଚୟ ନୁହେଁ। ଆଜି ଯେଉଁ ଦ୍ୱାର ବନ୍ଦ ଲାଗୁଛି, କାଲି ତାହାଠାରୁ ଭଲ ଏକ ଦ୍ୱାର ଖୋଲିପାରେ। ତେଣୁ ହାରିଯିବା ନୁହେଁ, ଆଉଥରେ ଉଠିବା ହିଁ କୃଷ୍ଣଙ୍କ ପଥ। ଆଜିର ଯୁବପିଢ଼ି ପାଇଁ କୃଷ୍ଣଙ୍କ ଆଉ ଏକ ବଡ଼ ଶିକ୍ଷା ହେଉଛି—ନିଜକୁ ଅନ୍ୟ ସହିତ ତୁଳନା କରନାହିଁ। ପ୍ରତ୍ୟେକ ମଣିଷର ଜୀବନର ରାସ୍ତା ଅଲଗା। କେହି ଶୀଘ୍ର ସଫଳ ହୁଏ, କେହି ଡେରିରେ; କାହାଙ୍କ ପଥ ସରଳ, କାହାଙ୍କ ପଥ କଣ୍ଟକିତ। କିନ୍ତୁ ମୂଲ୍ୟ ନିର୍ଣ୍ଣୟ ହୁଏ ଯାତ୍ରାର ଦୀର୍ଘତାରେ ନୁହେଁ, ଯାତ୍ରାର ସତ୍ୟତାରେ। ଶ୍ରୀକୃଷ୍ଣ ଓ ସୁଦାମାଙ୍କ ମିତ୍ରତା ଆମକୁ ଶିଖାଏ ଯେ ସତ୍ୟ ସମ୍ପର୍କର ମାପ ଧନ, ପଦବୀ କିମ୍ବା ପ୍ରତିଷ୍ଠା ନୁହେଁ; ମାପ ହେଉଛି ହୃଦୟ। ଆଜି ଯେତେବେଳେ ସୋସିଆଲ ମିଡିଆରେ ଅନ୍ୟର ଚମକୁଥିବା ଜୀବନ ଦେଖି ଅନେକ ଯୁବକଯୁବତୀ ନିଜ ଜୀବନକୁ ଅପୂର୍ଣ୍ଣ ଭାବୁଛନ୍ତି, ସେତେବେଳେ କୃଷ୍ଣଙ୍କ ଜୀବନ ଆମକୁ ମନେ ପକାଏ—ଦେଖାଯାଉଥିବା ସଫଳତା ହିଁ ଜୀବନର ସମଗ୍ର ସତ୍ୟ ନୁହେଁ। ମନର ଶାନ୍ତି, ଚରିତ୍ରର ଦୃଢ଼ତା, ଭଲ ମଣିଷ ହେବାର ସନ୍ତୋଷ—ଏଗୁଡ଼ିକ ହିଁ ଜୀବନର ପ୍ରକୃତ ସମ୍ପଦ। ଓଡ଼ିଶାର ମାଟିରେ ଏହି କୃଷ୍ଣଭାବନା ଆହୁରି ଗଭୀର, କାରଣ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି। ଏଠାରେ କୃଷ୍ଣ କେବଳ ପୁରାଣର ଚରିତ୍ର ନୁହେଁ; ସେ ଭକ୍ତିର ଅନୁଭବ, ଘରର ଦେବତା, ମାଆର ପ୍ରାର୍ଥନା ଓ ଓଡ଼ିଆ ମନର ଏକ ଅଂଶ। ତେଣୁ ଜନ୍ମାଷ୍ଟମୀର ଦୀପ ଜଳାଇବା ସମୟରେ ଆମେ ନିଜ ଭିତରର ଅନ୍ଧକାରକୁ ମଧ୍ୟ ଦେଖିବା। ଆମ ଭିତରର କ୍ରୋଧ, ଲୋଭ, ଈର୍ଷା ଓ ଅହଂକାର ହିଁ ଆଜିର କଂସ। ତାକୁ ପରାଜିତ କରିବା ପାଇଁ କୌଣସି ଅସ୍ତ୍ର ଦରକାର ନାହିଁ; ଦରକାର ସତ୍ୟ, ସଂଯମ, ପ୍ରେମ ଓ ଆତ୍ମବିଶ୍ୱାସ। ଯେଉଁ ଛାତ୍ର ଭୟକୁ ଜିତି ପୁଣି ପଢ଼ିବାକୁ ବସେ, ଯେଉଁ ଯୁବକ ବିଫଳତା ପରେ ପୁଣି ଚେଷ୍ଟା କରେ, ଯେଉଁ ମଣିଷ ଅନ୍ୟାୟ ଦେଖି ଚୁପ୍ ନରହି ସତ୍ୟ ପାଇଁ ଠିଆ ହୁଏ—ସେହି ମଣିଷର ହୃଦୟରେ ହିଁ କୃଷ୍ଣ ଜନ୍ମ ନିଅନ୍ତି। ଜନ୍ମାଷ୍ଟମୀ ତେଣୁ ଆମକୁ କେବଳ ଅତୀତର ଏକ ଦିବ୍ୟ ଘଟଣା ସ୍ମରଣ କରାଏ ନାହିଁ; ଏହା ପ୍ରତିବର୍ଷ ଆମକୁ ନୂଆ ହେବାର ଅବସର ଦିଏ। ଆମେ ଯେଉଁଠି ଭାଙ୍ଗିଯାଇଛୁ, ସେଠି ଆଶା ଜନ୍ମ ନେଉ; ଯେଉଁଠି ଭୟ ଅଛି, ସେଠି ସାହସ ଜନ୍ମ ନେଉ; ଯେଉଁଠି ଘୃଣା ଅଛି, ସେଠି ପ୍ରେମ ଜନ୍ମ ନେଉ। ମନ୍ଦିରରେ କୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ଆମ ମନରେ ମଧ୍ୟ ଏକ ନୂଆ କୃଷ୍ଣର ଜନ୍ମ ହେଉ—ଏମିତି କୃଷ୍ଣ, ଯିଏ ଆମକୁ ସତ୍ୟ କହିବାର ସାହସ ଦେବେ, ବିଫଳତାରେ ଭାଙ୍ଗିପଡ଼ିବାକୁ ଦେବେ ନାହିଁ, ସଫଳତାରେ ଅହଂକାରୀ ହେବାକୁ ଦେବେ ନାହିଁ ଏବଂ ଅନ୍ୟର ଦୁଃଖରେ ଆମକୁ ନିରବ ରହିବାକୁ ଦେବେ ନାହିଁ। ଏହି ଜନ୍ମାଷ୍ଟମୀରେ ଜଣେ ଛାତ୍ର ଯଦି ନିଜକୁ କହିପାରେ—‘ମୁଁ ମୋର ସର୍ବଶ୍ରେଷ୍ଠ ପ୍ରୟାସ କରିବି’; ଜଣେ ଅଭିଭାବକ ଯଦି ସନ୍ତାନକୁ କହିପାରନ୍ତି—‘ତୁମ ନମ୍ବରଠାରୁ ତୁମେ ଜଣେ ଭଲ ମଣିଷ ହେବା ମୋ ପାଇଁ ବଡ଼’; ଏବଂ ଜଣେ ସମାଜ ଯଦି ନିଷ୍ପତ୍ତି ନିଏ—‘ଆମେ ଦ୍ୱେଷ ନୁହେଁ, ମାନବିକତା ବାଛିବା’, ତେବେ ଏହି ପର୍ବ ସତ୍ୟରେ ସାର୍ଥକ ହେବ। ଯେଉଁ ରାତିରେ କୃଷ୍ଣ କାରାଗାରର ଅନ୍ଧକାରରେ ଜନ୍ମ ନେଇଥିଲେ, ସେହି ରାତି ଆଜି ମଧ୍ୟ ଆମକୁ ଏକ ଅମର ସତ୍ୟ କହେ—ଅନ୍ଧକାର କେତେ ଗଭୀର ହେଲେ ବି, ଆଲୋକର ଜନ୍ମକୁ କେହି ଅଟକାଇପାରେ ନାହିଁ। ତେଣୁ ଏହି ଜନ୍ମାଷ୍ଟମୀରେ କେବଳ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରିବା ନୁହେଁ, ନିଜ ଭିତରେ ଆଶାର ଜନ୍ମ ଦେବା। ନିଜ ଭିତରର କଂସକୁ ହରାଇବା। ନିଜ କର୍ତ୍ତବ୍ୟକୁ ଭଲପାଇବା। ବିଫଳତାକୁ ଭୟ ନକରିବା। ମଣିଷକୁ ଭଲପାଇବା। କାରଣ କୃଷ୍ଣ କେବଳ ମଥୁରାରେ ଜନ୍ମ ନେଇନଥିଲେ; ସେ ପ୍ରତ୍ୟେକ ସେହି ହୃଦୟରେ ଜନ୍ମ ନିଅନ୍ତି, ଯେଉଁଠି ସତ୍ୟ ଅଛି, ପ୍ରେମ ଅଛି, ସାହସ ଅଛି ଏବଂ ଅନ୍ୟର ମଙ୍ଗଳ ପାଇଁ ଧଡ଼କୁଥିବା ଏକ ନିର୍ମଳ ହୃଦୟ ଅଛି। ଏହି ପବିତ୍ର ଜନ୍ମାଷ୍ଟମୀରେ ଆମ ଘର ଆଲୋକିତ ହେଉ, ଆମ ସନ୍ତାନମାନଙ୍କ ସ୍ୱପ୍ନ ଆଲୋକିତ ହେଉ, ଆମ ସମାଜ ମାନବିକତାରେ ଆଲୋକିତ ହେଉ ଏବଂ ଆମ ଅନ୍ତର ଶ୍ରୀକୃଷ୍ଣଙ୍କ ପ୍ରେମରେ ପୂର୍ଣ୍ଣ ହେଉ। ଜୟ ଶ୍ରୀକୃଷ୍ଣ। ଜୟ ଜଗନ୍ନାଥ।

# ଗୁରୁ ଦିବସ ଓ ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍



ବିଶ୍ୱବିଜୟୀ ଦାଶ
ପ୍ରତିଷ୍ଠାତା ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ଅଧ୍ୟାପକ , ରସାୟନ ବିଜ୍ଞାନ
ବିଭାଗ, ବାଲୁଗାଁ ମହାବିଦ୍ୟାଳୟ
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ -୬୩୭୦୨୦୮୪୨୮

ଭାରତବର୍ଷରେ ଗୁରୁଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ। ଗୁରୁଙ୍କର ସଂଜ୍ଞା ନିରୂପଣ କରାଯାଇ ଯଥାର୍ଥରେ କୁହାଯାଇଛି ଯେ-

“ଗୁ କା ରେ ା ନ୍ଧ କା ର ସ୍ତୁ
ଗୁକାରସ୍ତନ୍ନିବର୍ତ୍ତକଃ
ଅନ୍ଧକାର ନିବୃତ୍ୟାକୁ
ଚାରୁରିତ୍ୟଭିଧୀୟତେ।”

ଅର୍ଥାତ୍ ‘ଗୁ’ ଅର୍ଥ ଅନ୍ଧକାର, ‘ରୁ’ ଅର୍ଥ ଅଜ୍ଞାନ। ଛାତ୍ରଛାତ୍ରୀମାନଙ୍କର ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନରୂପକ ଆଲୋକକୁ ପ୍ରଦାନ କରିବାରେ ଶିକ୍ଷକମାନେ ସମର୍ଥ ହୋଇଥିବାରୁ ତାଙ୍କୁ ‘ଗୁରୁ’ ଆଖ୍ୟା ପ୍ରଦାନ କରାଯାଇଛି।

ପୁନଶ୍ଚ :-


“ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରୁବେ ନମଃ।”

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେ ମଧ୍ୟ ପରଂବ୍ରହ୍ମ ସଦୃଶ ପ୍ରତୀୟମାନ ହୋଇଥା’ନ୍ତି। ଏଣୁ ଗୁରୁଙ୍କୁ କୋଟି ନମସ୍କାର ସର୍ବାଦୌ କରଣୀୟ। ମୁଖ୍ୟତଃ ଗୁରୁ ହେଉଛନ୍ତି ଦେବତା ସମାନ। ତାଙ୍କରି ଶୁଭାଶିଷ ଲାଭ କରି ଶିଷ୍ୟ ପ୍ରକୃତ ମନୁଷ୍ୟତା ଲାଭ କରିଥାଏ। ଗୁରୁକୃପା ହିଁ ଛାତ୍ର-ଛାତ୍ରୀଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାଏ। ଏଣୁ ଗୁରୁଭକ୍ତି ଛାତ୍ରଛାତ୍ରୀଙ୍କର ଭୂଷଣ ହେବା ଦରକାର। ଅପରପକ୍ଷରେ ଗୁରୁଙ୍କର ଶୁଭଦୃଷ୍ଟି ଛାତ୍ରଙ୍କ ଉପରେ ପଡ଼ିବା ଆବଶ୍ୟକ। ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଉଛି। ଶିକ୍ଷା ପ୍ରତି ଡକ୍ଟର ରାଧାକ୍ରିଷ୍ଣନଙ୍କର ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଡକ୍ଟର ରାଧାକ୍ରିଷ୍ଣନ ଏକାଧାରରେ



ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, ଭାରତ ବର୍ଷର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ।

୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀଠାରେ ଜନ୍ମଗ୍ରହଣ କରିଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକ୍ରିଷ୍ଣନଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା। ଖ୍ରୀଷ୍ଟିଆନ୍ ମିସନାରୀ ସ୍କୁଲରୁ ତାଙ୍କର ପାଠପଢା ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷା ପରେ, ୧୯୦୯ରେ ରାଧାକ୍ରିଷ୍ଣନଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ରାଧାକ୍ରିଷ୍ଣନ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ।୧୯୧୮ରେ ରାଧାକ୍ରିଷ୍ଣନ ମୈଶୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ତାହାପରେ କଲିକତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାଡ୍ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିଲେ।୧୯୪୯ରେ ସୋଭିଏତ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ ଏବଂ ୧୯୫୪ରେ ତାଙ୍କୁ ମିଳିଥିଲା ସମ୍ମାନଜନକ ଭାରତ ରତ୍ନ । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ଥାଏ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ‘ନିଜକୁ ଯେ ନିରନ୍ତର ଶିକ୍ଷା ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟ ଜଣେ’। ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ, କିନ୍ତୁ ଆଗକୁ ବଢିବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ର-ଛାତ୍ରୀଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ରୂପେ ଗଢିବାକୁ ନିରନ୍ତର ପ୍ରୟାସ ଜାରି ରଖିଥାଆନ୍ତି । ବିନା ଗୁରୁରେ କେହି ବି ଜ୍ଞାନୀ ପଦବାଚ୍ୟ ହୋଇପାରି ନଥାଏ । ଗୁରୁ ହିଁ ପ୍ରେରଣାର ଉତ୍ସ । ଯେତେବେଳେ ଆମେ ଜନ୍ମ ନେଉ, ସର୍ବପ୍ରଥମେ ଆମେ ନିଜ ପିତାମାତାଙ୍କଠାରୁ ଜୀବନର ପ୍ରାରମ୍ଭିକ ଶିକ୍ଷା ମିଳେ । ପିତା-ମାତା ହେଉଛନ୍ତି ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ । ଶିଶୁଟି ଧରା ଛୁଇଁବା ପରେ ତାକୁ ତା ମାଆ କୋଳେଇ ନିଏ, ତାର ଅଳି-ଅର୍ଦ୍ଦଳି ସବୁ ସହେ । କେମିତି ଚାଲିବ, କେମିତି ଖାଇବ, କେମିତି କଥା କହିବ, କେମିତି ବସିବ ପରି ଅନେକ ଶିଷ୍ଟାଚାର କଥା, ସମାଜରେ ଅନୁରୂପ ବଞ୍ଚିବାର କଳା ଶିଖେଇଥାଆନ୍ତି ପିତା-ମାତା । ବ୍ୟବହାର, ଶୈଳୀ, ଶିଷ୍ଟାଚାର, ଭଦ୍ରାମୀ କ’ଣ ତାହା ଉଭୟ ବାପା-ମାଆ ହିଁ ଶିଶୁଟିକୁ ଜଣାଇଥାଆନ୍ତି । ତେଣୁ ଉଭୟ ତାର ପ୍ରଥମ ଗୁରୁ । ଜଣେ ଶିକ୍ଷକଙ୍କୁ ଯେମିତି ସମ୍ମାନ ଦିଆଯାଏ, ଠିକ୍ ସେହିଭଳି ନିଜ ବାପା-ମାଆଙ୍କୁ ମଧ୍ୟ ସମ୍ମାନ ଦେବା ଉଚିତ୍ । ଯିଏ ନିଜ ବାପା-ମାଆଙ୍କୁ ସମ୍ମାନ ଦେଇ ଜାଣେନା, ସେ କାହାକୁ ସମ୍ମାନ କରିବା ଶିଖି ପାରେନା । କାରଣ ଉଭୟ ନଥିଲେ ଜଣେ ଶିଶୁର ଭବିଷ୍ୟତ କେବେ ବି ଉତ୍ତମ ରୂପେ ଗଢା ହୋଇପାରିବ ନାହିଁ । ପିତାମାତାଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି, ସେ ହେଉଛନ୍ତି ଶିକ୍ଷା ଗୁରୁ । ଯିଏ ଆମକୁ ଶିକ୍ଷା ଦାନ କରନ୍ତି ତାଙ୍କ ସ୍ଥାନ ବି ଅପୂରଣୀୟ । ପିଲାର ସମ୍ପୂର୍ଣ୍ଣ ଭବିଷ୍ୟତ ନ୍ୟସ୍ତ ଥାଏ ଜଣେ ଶିକ୍ଷକଙ୍କ ଉପରେ । ପିଲାଟି ଯେବେ ଖଡି ଧରିବା ଆରମ୍ଭ କରିଥାଏ, ଶିକ୍ଷା ଗୁରୁର ଶିକ୍ଷକତା ସେହିଠାରୁ ହିଁ ଆରମ୍ଭ ହୋଇଥାଏ । ବିନା ଗୁରୁରେ ଛାତ୍ରର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇଯାଇଥାଏ । ତେଣୁ ତାଙ୍କୁ କେବେ ବି ଅବମାନନା କରିବା ଉଚିତ୍ ନୁହେଁ । ଶିକ୍ଷା ହେଉଛି ପ୍ରଗତିର ମାପକାଠି । ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ । ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଆଦର୍ଶ ଶିକ୍ଷକ ହେବା ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସମ୍ଭବ

ହେ ଭକ୍ତ ସମ୍ଭବପର ସବୁ ହୋଇପାରେ । ସେହି ଭକ୍ତ, ଯେ ନିଷ୍କାମ ଓ ନିଷ୍ଠାର ସହିତ ସତ୍ୟକୁ ଆଧାର କରି ସମୟର ପ୍ରତ୍ୟେକ ମୁହୂର୍ତ୍ତକୁ ଶାନ୍ତିର ବାଣୀ ଦ୍ୱାରା ପରିଚାଳନା କରିଥାଏ । ସେହି ଭକ୍ତ ହିଁ ସମାଜ ପାଇଁ ସମ୍ଭବପର ହୋଇଥାଏ । କାରଣ ତା ପାଖରେ ଅସମ୍ଭବ କିଛି ନାହିଁ । କାରଣ ତାର କାୟ ମନ ବାକ୍ୟରେ ସମ୍ବଳ ହିଁ ସ୍ୱୟଂ ଈଶ୍ୱର । ତେଣୁ ସେ ନିର୍ଭିକ ବିବେକବାନ ସେ ହିଁ ଧର୍ମ । ସେ ହିଁ ସନାତନ ।

ତେଣୁ ହେ ଭକ୍ତ ସମ୍ଭବକୁ ଅସମ୍ଭବ ଭାବିବା ଭାରି ସହଜ କିନ୍ତୁ ତାକୁ ପାଳନ କରିବା ଭାରି କଷ୍ଟ । କିନ୍ତୁ ସମ୍ଭବ ଭକ୍ତର ଭାଷାକୁ ବୁଝିବା ଭାରି କଷ୍ଟ । ତାର ବାକ୍ୟକୁ ଗ୍ରହଣ କରିବା ସବୁଠାରୁ କଷ୍ଟ । ସେତିକି ନିଷ୍ଠା ଥିବା ଦରକାର । ଯେପରି ଅଙ୍ଗୁର ଖାଇ ନପାରିଲେ ଖଟା ବୋଲି କହିଥାଆନ୍ତି ସେହିପରି ଭକ୍ତର ମନକୁ ନ ବୁଝି ତାକୁ ହେୟ ଜ୍ଞାନ କରିଥାଆନ୍ତି ଏହି ବଦ୍ଧଜୀବମାନେ । ତେଣୁ ହେ ଭକ୍ତ ପାତ୍ରରେ ଦାନ ଦିଅ । ଅ ପାତ୍ରରେ ନୁହେଁ । ତାର ଅର୍ଥ ହେଲା –

“ମୂର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମହତ୍ୟା ଦୋଷ ।”
ତେଣୁ ବୁଝି ବିଚାରୀ କାର୍ଯ୍ୟ କଲେ
ପ୍ରମାଦ ନ ପଡଇ ଭଲେ । ହରି ଓଁ ।

◆◆

# ନବଘନ ଘରେ ଚିନି ଦର ବୃଦ୍ଧିର ପ୍ରଭାବ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଏବେ ଚିନି ଦର ବଢିଛି । ଚିନିର ଦର ବୃଦ୍ଧିକୁ ନେଇ ନବଘନ ଘରେ ମିକସଡ ଫିଲିଙ୍ଗ – ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି ।

ନବଘନ ଖୁସି ଅଛି, କାରଣ ତାକୁ ଡାଇବେଟିସ । ସେ ଚାହେଁ, ପୃଥିବୀରେ କେହି ଚିନି ଗୁଡ଼ ମହୁ – କିଛି ନ ଖାଆନ୍ତୁ । ଦୁନିଆରେ ମିଠା ବୋଲି କିଛି ନ ରହୁ । ଆପଣଙ୍କ ଭିତରୁ ଯଦି କେହି ଏଥିକୁ ଅବାକ ହେଉଥିବେ, ତେବେ କହିଦିଏ – ଏ ବିଚିତ୍ର ପୃଥିବୀରେ ନବଘନ ଭଳି ଏମିତି ଅନେକ ନମୁନା ଅଛନ୍ତି, ଯେଉଁମାନେ ନିଜେ ଦୁଃଖରେ ଥିଲେ ସାରା ଦୁନିଆକୁ ଦୁଃଖୀ ଦେଖିବାକୁ ଚାହାନ୍ତି । ଦେଖିଲେ ଖୁସି ହୁଅନ୍ତି । ଜର୍ମାନୀ ଭାଷାରେ ଏଇ ଜାତୀୟ ଲୋକଙ୍କୁ ‘ସାଡେନଫ୍ର’ ବୋଲି କହନ୍ତି ।

ନବଘନର ସ୍ତ୍ରୀ ରଙ୍ଗବତୀ ମନ ଦୁଃଖ, କାରଣ ତାକୁ ଘର ଚଳେଇବାକୁ ପଡ଼େ । ନବଘନ ସିନା ଚିନି ଖାଏନି, ଅନ୍ୟମାନେ ତ ଖାଆନ୍ତି । ଚା’ ତ ପିଇବ ମଣିଷ । ବିନା ଚିନି ଚା କଣ ସୁଆଦ ଲାଗିବ! ଟମାଟୋ ଚଟଣୀ, ମିଠା ଡାଲି, ଖିରି, ହାଲୁଆ – ଏସବୁ ପୁଣି ଘରେ ହବ ନ ନାହିଁ! ଦି ଦିନ ହେଲାଣି ଘରେ ଚିନି ନାହିଁ, ନବଘନକୁ କହିଲେ ସେ ଶୁଣୁ ନାହିଁ ।

ନବଘନର ପୁଅ ଭୀମସେନର ଯାହା ବୟସ – ତାକୁ ଆଜିକାଲି ଲୋକ ‘ଜେନ-ଜି’ ବୋଲି କହୁଛନ୍ତି । ଚିନି ଦର ବଢିଛି ବୋଲି ସେ ଏଯାଏଁ ଜାଣିନାହିଁ । ଗତ କେଇ ସପ୍ତାହ ସେ ପରୀକ୍ଷା ପ୍ରଶ୍ନପତ୍ର ଲିକ ବିରୋଧୀ ଆନ୍ଦୋଳନରେ ବ୍ୟସ୍ତ ଥିଲା; ଏବେ ସେ ସହରର ବୁଲା କୁକୁର ସଂରକ୍ଷଣ ଆନ୍ଦୋଳନରେ ବ୍ୟସ୍ତ । କୁକୁର ଚିନି ଖାଏନି ।

ହେଲେ ପିମ୍ପୁଡ଼ି ଚିନି ଖାଏ । ରଙ୍ଗବତୀର ରୋଷେଇ ଘରେ ପ୍ଲାଷ୍ଟିକ ଚିନି ଡିବା ଭିତରେ ବହୁକାଳୁ ଏକ ପିମ୍ପୁଡ଼ି ପରିବାର ବସବାସ କରି ଆସୁଛି । ସେମାନେ ଏବେ ବଡ଼ ଦୁଃଖରେ ଏବଂ ଭୀଷଣ କ୍ରୋଧରେ ଅଛନ୍ତି । ଦୁଇଦିନ ହେଲା ଡିବାରେ ଚିନି ନାହିଁ । ଇଆଡ଼େ ଡିବାର ଢାଙ୍କୁଣୀଟା ବି ବନ୍ଦ, ସେମାନେ ବାହାରକୁ ବି ବାହାରି ପାରୁନାହାନ୍ତି । ପେଟରେ ଭୋକ ରହିଲେ, ଯେ କୌଣସି ପ୍ରାଣୀ ରାଗିଯିବ। ପିମ୍ପୁଡ଼ି ବୋଲି ଭୋକଶୋଷ, ରାଗରୋଷ ରହିବନି !

ଏମିତି ଅବସ୍ଥାରେ ରଙ୍ଗବତୀ ଘରେ କାମ କରୁଥିବା ସହାୟିକା (ଆଗରୁ ଏମାନଙ୍କୁ କାମତୁଣୀ ବୋଲି କୁହାଯାଉଥିଲା) ମାଳତୀ ସକାଳୁ ଚିନି ଡିବାଟି ଖୋଲିଛନ୍ତି, ଡିବା ଭିତରେ ଥିବା ପିମ୍ପୁଡ଼ିମାନେ ତାକୁ କାମୁଡ଼ିଛନ୍ତି, ସେ ଚିତ୍କାର କରିଛି; ନବଘନ ସେତେବେଳେ ଦାଣ୍ଡଘରେ ବସି ଖବରକାଗଜ ପଢୁଥିଲା, ମାଳତୀର ଚିତ୍କାର ଶୁଣି ନବଘନ ଘର ଭିତରକୁ ଧାଇଁ ଯିବ କଣ – ତା ପାଦ ପାଖରେ ଶୋଇଥିବା ବିଲେଇ ଟୁସି ଉପରେ ତା ଗୋଡ଼ ପଡ଼ିଛି, ଟୁସି ମ୍ୟାଓ କରି ତା’ ଗୋଡ଼କୁ ଆମ୍ପୁଡ଼ି ଦେଇଛି; ସେଥିକୁ ନବଘନ ଜୋରରେ ଚିତ୍କାର କରିଛି, ଘର ଭିତରେ ମାଳତୀ, ଘର ବାହାରେ ନବଘନର ଚିତ୍କାର ଶୁଣି ପୋଷା କୁକୁର ଭୋଲୁ ଖୁବ ଜୋରରେ ଭାଉଭାଉ କରିଛି; ରଙ୍ଗବତୀ ସେତେବେଳେ ବାଥରୁମରେ। ଏତେ ପ୍ରକାର ଚିତ୍କାର ଶୁଣି ସେ ବ୍ୟସ୍ତ ହୋଇ ବାଥରୁମରୁ ବାହାରିଲା ବେଳେ ଓଦା ଚଟାଣରେ ଗୋଡ଼ ଖସି ଦୁମ କରି ପଡ଼ିଲେ – ଏବଂ ବୋଉଲୋ .. ମରିଗଲି ଲୋ ବୋଲି ଚିତ୍କାର କରିବାକୁ ଲାଗିଲେ ...। ନବଘନ ଘରେ ଏମିତି ଚିତ୍କାର ଶୁଣି ପଡ଼ୋଶୀମାନେ ଧାଇଁ ଆସିଲେ, ଜଣେ ଆଗଚଲା ପଡୋଶୀ କାଳେ କଣ ଅଘଟଣ ହୋଇଥିବ ବୋଲି ଭାବି ପୋଲିସ ଏବଂ ଆମ୍ବୁଲାନ୍ସକୁ ଫୋନ କରିଦେଲେ ...। ଆମ୍ବୁଲାନ୍ସର ସାଇରନ ଶବ୍ଦରେ ଭୀମସେନର ନିଦ ଭାଙ୍ଗିଲା । ସେ ଆଖି ମଳି ମଳି ନିଜ ରୁମ କବାଟ ଖୋଲି ଦେଖିଲା – ଦାଣ୍ଡରେ ପୋଲିସ । ସେ ଭାବିଲା, ବୁଲା କୁକୁର ସଂରକ୍ଷଣ ଆନ୍ଦୋଳନରେ ସେ ସାମିଲ ଥିବାରୁ ବୋଧହୁଏ ପୋଲିସ ତାକୁ ଗିରଫ କରିବାକୁ ଆସିଛି । ସେ ବଡ଼ପାଟିରେ ପୋଲିସ ଏବଂ ସରକାର ବିରୋଧୀ ସ୍ଲୋଗାନ ଦେବାକୁ ଲାଗିଲା...

... ଏ କଥା କେତେବାଟ ଲମ୍ବିଲା, ସେ କଥା ପରେ କେତେବେଳେ କହିବି; ଏବେ ବୁଝନ୍ତୁ ଚିନି ଦର ବଢିଲେ କଣ ହୋଇପାରେ...

# ଗପ ହେଲେ ବି ସତ



ଶ୍ୟାମସୁନ୍ଦର ଅଗ୍ରୱାଲା
ଭୁବନେଶ୍ୱର ୯୭, ଜନପଥ,
ମୋ-୯୪୩୭୦୬୭୫୬୭

ଭଗବାନଙ୍କ ନିକଟରେ ଦିନେ ସମସ୍ତ ରାଷ୍ଟ୍ର ମୁଖ୍ୟ ଉପସ୍ଥିତ ହୋଇ ନିଜ ନିଜ ଦେଶର ଦୁର୍ନୀତି ପାଇଁ ଚିନ୍ତା ପ୍ରକଟ କଲେ ଓ କେବେ ଦୂର ହେବ ପ୍ରଶ୍ନ କଲେ । ଭଗବାନ ଆମେରିକା ରାଷ୍ଟ୍ରପତିଙ୍କୁ କହିଲେ “ତୁମେ ବ୍ୟସ୍ତ ହୁଅ ନାହିଁ । ଆସନ୍ତା ପଚଶ ବର୍ଷରେ ତୁମ ଦେଶରୁ ଦୁର୍ନୀତି ଦୂର ହୋଇଯିବ ।” ଏ କଥା ଶୁଣି ଆମେରିକାର ରାଷ୍ଟ୍ରପତି କାନ୍ଦିବାକୁ ଲାଗିଲେ ଓ କହିଲେ “ପ୍ରଭୁ ଦୁଃଖର କଥା ଯେ ମୁଁ ମୋ’ ଜୀବଦ୍ଦଶାରେ ଏହା ଦେଖିପାରିବି ନାହିଁ ।” ଭଗବାନ ଋଷିଆର ରାଷ୍ଟ୍ରପତିଙ୍କୁ କହିଲେ “ଆସନ୍ତା ଷାଠିଏ ବର୍ଷରେ ତୁମ ଦେଶରୁ ଦୁର୍ନୀତି ଦୂର ହେବ ।” ଋଷିଆ ରାଷ୍ଟ୍ରପତି ବି କାନ୍ଦିବାକୁ ଲାଗିଲେ ଆଉ କହିଲେ “ପ୍ରଭୁ ଦୁଃଖ ଏତିକି ଯେ ମୁଁ ମୋ ଜୀବଦ୍ଦଶାରେ ଦୁର୍ନୀତିମୁକ୍ତ ଋଷିଆ ଦେଖିପାରିବି ନାହିଁ ।” ଏହିପରି ଅଷ୍ଟ୍ରେଲିଆ, ଜାପାନ, ଚୀନ, ଇଂଲଣ୍ଡ ଆଦି ରାଜ୍ୟମାନଙ୍କର ରାଷ୍ଟ୍ର ମୁଖ୍ୟ ପ୍ରଶ୍ନ ପଚାରିଲେ ଓ ଉତ୍ତର ଶୁଣି କାନ୍ଦି କାନ୍ଦି ନିଜର ଦୁଃଖ ବର୍ଣ୍ଣନା କଲେ। ଶେଷକୁ ଭାରତବର୍ଷର ରାଷ୍ଟ୍ରପତି ପ୍ରଶ୍ନ କଲେ “ପ୍ରଭୁ, ଆମ ଦେଶରୁ କେବେ ଦୁର୍ନୀତି ଦୂର ହେବ ।” ଏ କଥା ଶୁଣି ଭଗବାନ ଭୋ ଭୋ ହୋଇ କାନ୍ଦିବାକୁ ଆରମ୍ଭ କରିଦେଲେ ଆଉ କହିଲେ “ମ୍ୟାଡ଼ାମ୍, ମୋ’ ଜୀବଦ୍ଦଶାରେ ନୁହେଁ ।”

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022  ସମ୍ପାଦକ : ଜୟାଶୀଷ ରାୟ



# 'ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନା ଗରିବ ଜନତାଙ୍କ ପାଇଁ ପାଲଟିଛି ବରଦାନ'

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଜନା ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ଜନ୍ମଜାତ ହୃଦରୋଗରେ ପୀଡ଼ିତ ଥିବା ନିରୀହ ଶିଶୁମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଡିଇଆଇସି ପକ୍ଷରୁ ବାରିପଦା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ମେଗା ହୃଦରୋଗ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପରେ ପ୍ରାୟ ୧୪୦ରୁ ଅଧିକ ଶିଶୁଙ୍କ ଯାଞ୍ଚ କରାଯାଇଛି । ଯେଉଁମାନଙ୍କ ଅପରେସନ୍ ଆବଶ୍ୟକ ସେମାନଙ୍କୁ ଚିହ୍ନଟ କରାଯାଇ ମାଗଣା ଅପରେସନ୍ ସହ ଯିବା ଆସିବା ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ । ଗତ ଏପ୍ରିଲ-୨୦୨୫ରୁ ଜୁଲାଇ-୨୦୨୬ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମ ଯୋଜନାରେ ସ୍ୱତନ୍ତ୍ର କ୍ୟାମ୍ପ ଗୁଡିକରେ ୧୪୯ ଜଣ ହୃଦରୋଗ ଶିଶୁଙ୍କ ଚିହ୍ନଟ ହୋଇଥିଲା ।




ଏଥିମଧ୍ୟରୁ ୧୪୦ ଜଣଙ୍କ ଅପରେସନ୍ କାର୍ଯ୍ୟ ସାରିଛି । ଆଗାମୀ ଦିନରେ ଅବଶିଷ୍ଟ ୯ ଜଣଙ୍କ ଅସ୍ତ୍ରୋପଚାର କରାଯିବ । ସେହିପରି ଜିଲ୍ଲାରେ ହୃଦ୍‌ରୋଗ ଶିଶୁ ଅଧିକ ଚିହ୍ନଟ ହେଉଥିବା କାରଣରୁ ପୁଣିଥରେ ଏକ କ୍ୟାମ୍ପ ଅନୁଷ୍ଠିତ ହେଉଥିବା ଜଣାପଡିଛି । ଏହି ଅବସରରେ ବାରିପଦା ସିଡିଏମ୍‌ଓ ଡାକ୍ତର ବିଶ୍ୱନାଥ ଦାସ ପ୍ରକାଶ କରିଛନ୍ତି ଯେ, ଏହି ପ୍ରକ୍ରିୟା ଜିଲ୍ଲାରେ ନିରନ୍ତର ଜାରି ରହିଛି । ପୂର୍ବରୁ ଯଶୀପୁର ତଥା ଅନ୍ୟାନ୍ୟ ବ୍ଲକରେ ସ୍କ୍ରିନିଂ କରାଯାଇଥିଲା । ଗତ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୨୩ ଜଣ ଶିଶୁଙ୍କୁ ବିଭିନ୍ନ ହସ୍ପିଟାଲ୍‌କୁ ପଠାଯାଇ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । କୋଲକାତାର ନାରାୟଣ ହୃଦୟାଳୟ, ଟାଟା ମେଡିକାଲ, ହାୱଡ଼ା ତଥା ମୁମ୍ବାଇର ପ୍ରତିଷ୍ଠିତ ଅନୁଷ୍ଠାନ ସହିତ ଚୁକ୍ତି କରାଯାଇଛି । ଡିଇଆଇସିର ଶିଶୁରୋଗ ଚିକିତ୍ସକ ଡାକ୍ତର ପ୍ରଦୀପ କୁମାର ମହାପାତ୍ର କହିଛନ୍ତି ଯେ, ବର୍ତ୍ତମାନ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଛି । ପୂର୍ବରୁ ଅସ୍ତ୍ରୋପଚାର ପରେ ସୁସ୍ଥ ଜୀବନ ବିତାଉଥିବା ପିଲାମାନଙ୍କୁ ଦେଖି ଅନ୍ୟ ଅଭିଭାବକ ମାନେ ଆଗେଇ ଆସୁଛନ୍ତି । ଗ୍ରାଉଣ୍ଡ ଲେଭେଲରେ ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମ ଟିମ୍ ଘର ଘର ଏବଂ ବିଦ୍ୟାଳୟ ବୁଲି ସନ୍ଦିଗ୍ଧ ଶିଶୁଙ୍କୁ ଚିହ୍ନଟ କରି କ୍ୟାମ୍ପକୁ ଆଣୁଛନ୍ତି । କୋଲକାତା ସ୍ଥିତ ଆର୍.ଏନ୍. ଟାଗୋର ହସ୍ପିଟାଲ୍‌ର ଶିଶୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ରକ୍ଷିକ ରାୟଙ୍କ କହିବା ଅନୁଯାୟୀ, ଦେଶରେ ପ୍ରତିବର୍ଷ ପ୍ରାୟ ୨.୫ ଲକ୍ଷ ଶିଶୁ ଜନ୍ମଗତ ହୃଦ୍‌ରୋଗ ସହ ଜନ୍ମ ହୁଅନ୍ତି । ମୟୂରଭଞ୍ଜରେ ସ୍କ୍ରିନିଂ କାର୍ଯ୍ୟକ୍ରମ ସକ୍ରିୟ ଭାବେ ହେଉଥିବାରୁ ଏହି ରୋଗୀ ଶୀଘ୍ର ଚିହ୍ନଟ ହୋଇପାରୁଛନ୍ତି । ଯାଞ୍ଚ ପରେ ରୋଗର ଗୁରୁତରତା ଅନୁଯାୟୀ ଶିଶୁମାନଙ୍କୁ ଉପଯୁକ୍ତ ସେଣ୍ଟରକୁ ପଠାଇ ତୁରନ୍ତ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଉଛି । ଶିବିରରେ ଯୋଗଦେଇଥିବା ଖଡିଶୋଳ ଗାଁର ରଞ୍ଜିତା ସିଂହ ଏବଂ ଟିକରପଡ଼ା ଗାଁର ସୁମିତ୍ରା ମାରାଣ୍ଡି ପ୍ରମୁଖ ମା'ମାନେ ନିଜ ନିଜ କଅଁଳ ଶିଶୁଙ୍କ ପାଇଁ ଡାକ୍ତରଙ୍କ ପରାମର୍ଶ ପାଇବା ସହ ସରକାରଙ୍କ ଏହି ମାଗଣା ଚିକିତ୍ସା ସୁବିଧା ଯୋଗୁ ନିଜ ପିଲାର ଭବିଷ୍ୟତ ସୁରକ୍ଷିତ ହେବ ବୋଲି ସେମାନେ ଆଶା ପ୍ରକାଶ କରିବା ସହିତ ଖୁସି ବ୍ୟକ୍ତ କରିଛନ୍ତି ।

# ଅନଧିକୃତ ପାର୍କିଂ ହଟାଯିବା ଉପରେ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆରଟିଓ ଶ୍ୟାମଲେନ୍ଦୁ ରାଉତ, ଡିଏସପି (ଟ୍ରାଫିକ) ପ୍ରଜ୍ଞା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ଆରଆଣ୍ଡବି ବିଭାଗ ଏବଂ ଏନ୍‌ଏଚ୍‌ଏଆଇର ଯନ୍ତ୍ରୀମାନେ, ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍‌ର ସଦସ୍ୟ, ବସ୍ ଆସୋସିଏସନ୍‌ର ପ୍ରତିନିଧି ଏବଂ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ। ବୈଠକରେ ସଡ଼କ ଓ ରାଜପଥ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଅନଧିକୃତ ପାର୍କିଂ ହଟାଇବା ଏବଂ ଜାତୀୟ ରାଜପଥ କଡ଼ରେ ହୋଇଥିବା ଜବରଦଖଲ ରୋକିବା ଉପରେ ଗୁରୁତ୍ୱ



ଦିଆଯାଇଥିଲା। ଜାତୀୟ ରାଜପଥରେ ଗୋରୁ ଓ ଅନ୍ୟାନ୍ୟ ପଶୁଙ୍କ ଯୋଗୁ ଘଟୁଥିବା ଦୁର୍ଘଟଣା ହ୍ରାସ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍‌ଗୁଡ଼ିକୁ ରେଡିୟମ୍ ପ୍ରତିଫଳକ ଟେପ୍ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଆରଟିଓଙ୍କୁ ପ୍ରବର୍ତ୍ତନମୂଳକ କାର୍ଯ୍ୟକଳାପକୁ ଆହୁରି ତୀବ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହିତ, ଦୁର୍ଘଟଣାପ୍ରବଣ ଚିହ୍ନଟ ବ୍ଲାକ୍‌ସ୍ପଟ୍ ଗୁଡ଼ିକରେ ପର୍ଯ୍ୟାପ୍ତ ସଂଖ୍ୟାରେ ଆମ୍ବୁଲାନ୍ସ, କ୍ରେନ୍ ଏବଂ ଜେସିବି ମେସିନ୍ ଉପଲବ୍ଧ ରଖିବାକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହାଦ୍ୱାରା ସଡ଼କ ଦୁର୍ଘଟଣା ଘଟିଲେ ତୁରନ୍ତ ଉଦ୍ଧାର, ଜରୁରୀକାଳୀନ ସେବା ଓ ରିଲିଫ୍ କାର୍ଯ୍ୟକଳାପ କରାଯାଇପାରିବ।

# ଗଙ୍ଗାଧରଙ୍କ ସୃଷ୍ଟିରେ 'ମର୍ତ୍ତ୍ୟରେ ସ୍ୱର୍ଗର ସନ୍ଧାନ':ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡାଇନାମିକ୍ ଷ୍ଟଡି ଫଏଣ୍ଟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ସୋନପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାହିତ୍ୟିକ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ ଡ. ସାହୁ କହିଥିଲେ ଯେ, ପୃଥିବୀ ଖୁବ୍ ସୁନ୍ଦର ଏବଂ ଜୀବନ ମଧ୍ୟ ସୁନ୍ଦର। ମର୍ତ୍ତ୍ୟରେ ମଧ୍ୟ ସ୍ୱର୍ଗୀୟ ସୁଖ ମିଳିବାର ସମ୍ଭାବନା ରହିଛି। ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଏହି ଜୀବନମୁଖୀ ଚିନ୍ତାଧାରାର ଅପୂର୍ବ ପ୍ରତିଫଳନ ଦେଖିବାକୁ ମିଳେ। ତାଙ୍କ କାଳଜୟୀ ସାହିତ୍ୟ ସବୁବେଳେ ଜନମାନସକୁ ପ୍ରେରଣା ଯୋଗାଇ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ଗଙ୍ଗାଧରଙ୍କ ସାହିତ୍ୟରେ ଜନଜୀବନ ସହିତ ସୋନପୁରର ଐତିହ୍ୟ ଓ ପରମ୍ପରାକୁ ଅତି ନିଖୁଣ ଭାବେ ଚିତ୍ରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗୋବିନ୍ଦ ମହାରଣା ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟରେ ମାନବିକତା, ମାନବ ପ୍ରେମ ଓ ସାମାଜିକ ଚେତନାର ନିଖୁଣ ପ୍ରତିଫଳନ ରହିଥିବା ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ସୁବଳୟା ସଲେଶର ଅଧ୍ୟାପକ ଦେବାଶିଷ ପ୍ରଧାନ ସଭାର ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାର୍ଥନା ସଙ୍ଗୀତ ଓ ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ସୁଶ୍ରୀ ସୌଦାମିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଗଙ୍ଗାଧରଙ୍କ ସାହିତ୍ୟ, ଜୀବନଦର୍ଶନ ଓ ମାନବିକ ଚିନ୍ତନକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀଙ୍କ ମନରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାଲଟିଛି ମରଣଯନ୍ତା



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ସାମାନ୍ୟ ମରାମତି ଓ ନିର୍ମାଣ ଅଭାବରୁ ସହରର ଏକ ପ୍ରମୁଖ ରାସ୍ତା ଏବେ ଲୋକଙ୍କ ପାଇଁ ସାଜିଛି ମରଣଯନ୍ତା । ପ୍ରତିଦିନ ସାଧାରଣ ଲୋକଙ୍କ ସହିତ ଛାତ୍ରଛାତ୍ରୀମାନେ ଭୋଗୁଛନ୍ତି ଅକଥନୀୟ ଦୁର୍ଦ୍ଦଶା । ବୌଦ୍ଧ ମୁନିସିପାଲିଟିର ନବଗଠିତ ୧୮ ନମ୍ବର ୱାର୍ଡ ଯାହାକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାମ୍ନା ଅଞ୍ଚଳକୁ ନେଇ ଗଠିତ । ଜଗନ୍ନାଥ ସଡକ ସହିତ ମାଉଳସିଙ୍ଗା ଦେଇ ବୁଟୁପାଲିକୁ ଯୋଡୁଥିବା ପ୍ରମୁଖ ସଡକ ଦେଇ ପ୍ରତିଦିନ ହଜାର ହଜାର ଲୋକେ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଏହା ବ୍ୟତୀତ ଶତାଧିକ ଛାତ୍ରଛାତ୍ରୀ ମଧ୍ୟ ଏହି ରାସ୍ତା ଦେଇ କେନ୍ଦ୍ରୀୟ ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟକୁ ଯାଇଥାନ୍ତି । ଦୁଇ କିଲୋମିଟରର ବିଶିଷ୍ଟ ରାସ୍ତାର ମାତ୍ର ୫୦ ମିଟର ରାସ୍ତା ନିର୍ମାଣ ହୋଇନଥିବାରୁ ଏବେ ଖାଲଖମାର ଭର୍ତି ହୋଇଯାଇଛି । ସାମାନ୍ୟ ବର୍ଷା ଓ ପରବର୍ତ୍ତୀ କାଦୁଅ ଓ ପଙ୍କ ଲୋକଙ୍କ ପାଇଁ ଦୁର୍ଦ୍ଦଶାର କାରଣ ସାଜିଛି । ଦୁଇ କିଲୋମିଟର ରାସ୍ତାରୁ ମଧ୍ୟସ୍ଥଳରେ ଥିବା ୫୦ ମିଟର ରାସ୍ତାକୁ ଛାଡିଦେଇ ଗତବର୍ଷ ଫ୍ଲେବର ବ୍ଲକ ପକାଯାଇ ନିର୍ମାଣ କରାଯାଇଥିଲା । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଅନେକ ଭାରୀଯାନ ଯିବାଆସିବା କରୁଥିବାରୁ ଲୋକେ ଫ୍ଲେବର ବ୍ଲକ ନପକାଇ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଶୁଣି ଏବେ ଉକ୍ତ ରାସ୍ତାଟି ଅନେକ ସ୍ଥାନରୁ ଭାଙ୍ଗି ଯାଇ ବ୍ୟବହାର ଅନୁପଯୋଗୀ ହୋଇପଡିଛି । ଏହି ରାସ୍ତାର ମରାମତି ଓ ନିର୍ମାଣ ନେଇ ଲୋକେ ଅନେକ ଥର ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ କି ଏ ସମ୍ପର୍କରେ ଶୁଣାଣି ହେଉନାହିଁ । ତେଣୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହାକୁ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି ।

# ଡାବରଚୁଆ ପାର୍କର ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ମଞ୍ଜୁରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ଆଉ ଏକ ବଡ଼ ସଫଳତା ମିଳିଛି। ଡାବରଚୁଆ ପାର୍କର ବିକାଶ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ବ୍ୟାପକ ସୁବିଧା ସୁଯୋଗର ବ୍ୟବସ୍ଥା ନିମନ୍ତେ ଆନୁମାନିକ ୫.୯୯ କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଥିବାର ଜଣାପଡିଛି । ମିଳିଥିବା ସୂଚନାରୁ ପ୍ରକାଶ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନର ସକ୍ରିୟ ପ୍ରୟାସ ଫଳରେ ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଅଧିକ ମଜବୁତ କରିବା ଓ ପର୍ଯ୍ୟଟକମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏବଂ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପ୍ରଶାସନିକ ଅନୁମୋଦନ ଅନୁଯାୟୀ, ଏହି ପ୍ରକଳ୍ପରେ ଏକ ସ୍ୱାଗତ ତୋରଣ, ପାର୍କିଂ ସ୍ଥାନ, ଆଠଟି ଭେଣ୍ଡିଂ ଜୋନ୍, ଦୁଇଟି ଶୌଚାଳୟ ପରିସର, ପାନୀୟ ଜଳ ସୁବିଧା, ପରିସର ମଧ୍ୟରେ ଚାଲିବା ପାଇଁ ରାସ୍ତା, ଶିଶୁ ଉଦ୍ୟାନ ଓ ଖେଳ ସରଞ୍ଜାମ, ସବୁଜିମା ଏବଂ ସୌନ୍ଦର୍ଯ୍ୟକରଣ, ବସିବା ପାଇଁ ବେଞ୍ଚ, ବିଶ୍ରାମ ଗୃହ, ସୂଚନା ଫଳକ, ଫୁଆରା ଏବଂ ଅନ୍ୟାନ୍ୟ ଜନସାଧାରଣଙ୍କ ବ୍ୟବହାର୍ଯ୍ୟ ସୁବିଧା ଅନ୍ତର୍ଭୁକ୍ତ ରହିଥିବାର ପ୍ରକାଶ । ଏହି ପର୍ଯ୍ୟଟନ ପ୍ରକଳ୍ପ ପାଇଁ ସର୍ବମୋଟ୍ ୫,୯୯,୦୩,୦୦୦ ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ପର୍ଯ୍ୟଟନ କାର୍ଯ୍ୟକ୍ରମ ବ୍ୟୟ (Tourism Programme expenditure) ଏବଂ ରାଜ୍ୟ କ୍ଷେତ୍ର ଯୋଜନା (State Sector schemes) ଅଧୀନରେ ପ୍ରଦାନ କରାଯିବ। ଏହି ମଞ୍ଜୁରୀରେ ବୈଦ୍ୟୁତିକ କାର୍ଯ୍ୟ, ଜନସ୍ୱାସ୍ଥ୍ୟ କାର୍ଯ୍ୟ, ଗୁଣବତ୍ତା ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉପାଦାନ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଡାବରଚୁଆ ପାର୍କର ଏହି ବିକାଶ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଯଥେଷ୍ଟ ସମୃଦ୍ଧ କରିବ ଏବଂ କେନ୍ଦୁଝରକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଉନ୍ନତ ମନୋରଞ୍ଜନ ସୁବିଧା, ସୌନ୍ଦର୍ଯ୍ୟକରଣ, ପାର୍କିଂ ଏବଂ ଅତ୍ୟାବଶ୍ୟକ ପର୍ଯ୍ୟଟକ ସୁବିଧା ସହିତ ଏହି ପାର୍କ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବ। ଏହି ପ୍ରକଳ୍ପ ପାରମ୍ପରିକ ପର୍ଯ୍ୟଟନ ସ୍ଥଳୀ ବାହାରେ ଅନ୍ୟାନ୍ୟ ଅଞ୍ଚଳର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବା ଏବଂ କେନ୍ଦୁଝରର ପର୍ଯ୍ୟଟନ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଦର୍ଶାଉଛି। ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନମୂଳକ ହସ୍ତକ୍ଷେପ ଏବଂ ରାଜ୍ୟ ସରକାରଙ୍କ ସହଯୋଗ ଜିଲ୍ଲାରେ ପର୍ଯ୍ୟଟନ ବିକାଶ ଏବଂ ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଉଛି।

# ଆଧ୍ୟାତ୍ମିକ ପତ୍ରିକା 'ବଳଦେବ ବିଥିକା' ଉନ୍ମୋଚିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କୈବଲ୍ୟ ସାହିତ୍ୟ ସଂସଦ ୧୦ମ ବାର୍ଷିକ ଆଧ୍ୟାତ୍ମିକ ଗବେଷଣାତ୍ମକ ପତ୍ରିକା "ବଳଦେବ ବିଥିକା" ଉନ୍ମୋଚନ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବଳଦେବ ମନ୍ଦିରର ସେବାୟତ ନୃସିଂହ ପ୍ରସାଦ ପତ୍ରି ୧୦୯ତମ ବଳଦେବ ଜନ୍ମ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବଳଦେବ ବିଥିକା ଆଧ୍ୟାତ୍ମିକ ସାହିତ୍ୟ ଗବେଷଣା କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡକ୍ଟର ସର୍ବେଶ୍ୱର ସେଣ, କୈବଲ୍ୟ ସାହିତ୍ୟ ସଂସଦ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରୁଛି ବୋଲି ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି, କବି ବଂଶୀଧର ମହାପାତ୍ର, ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ହିମାଂଶୁ ଭୂଷଣ ଜେନା, ବେଣୁଧର ନାୟକ, କବି ଅନ୍ତର୍ଯ୍ୟାମୀ ବେଗ, ଡକ୍ଟର ଲକ୍ଷ୍ମଣ ସାହୁ, ଜଗବନ୍ଧୁ ପ୍ରଧାନ, ସୁନାକର ପ୍ରଧାନ, ଅଶୋକ କୁମାର ସୁଆର, ବିନୋଦ କୁମାର ବେହେରା ଯୋଗଦାନ କରି ବଳଦେବ ଜନ୍ମ ଏବଂ ରକ୍ଷା ବନ୍ଧନର ମହାତ୍ମ୍ୟକୁ ବ୍ୟାଖ୍ୟା କରିଥିଲେ। ସାରସ୍ୱତ ସାଧକ ଏବଂ ସାଧିକାମାନଙ୍କୁ ରାଜ୍ୟସ୍ତରୀୟ ବଳଦେବ ସାରସ୍ୱତ ସମ୍ମାନ ଏବଂ ସମାଜସେବୀ ମାନଙ୍କୁ ରାଜ୍ୟସ୍ତରୀୟ ବଳଦେବ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। କବି ସତ୍ୟବ୍ରତ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଲଛିମାଲ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

**ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମୌଳିକ ସୁବିଧାରୁ ବଞ୍ଚିଥିବା ଲଛିମାଲ ଗ୍ରାମବାସୀ ମଙ୍ଗଳବାର ଦିନ ସେମାନଙ୍କର ଦୀର୍ଘଦିନର ଦୁଃଖ ଓ ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଗ୍ରାମରେ ରାସ୍ତାଘାଟର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ବେଳେ ବିଦ୍ୟୁତ୍ ସମସ୍ୟା ମଧ୍ୟ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀ ଏକତ୍ରିତ ହୋଇ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଏବଂ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ହେବ ଲଛିମାଲ ଗ୍ରାମରୁ ପଞ୍ଚାୟତ ମୁଖ୍ୟାଳୟକୁ



ଯିବାଆସିବା ପାଇଁ ଭଲ ରାସ୍ତାଟିଏ ନାହିଁ। ବର୍ଷାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଏ ଏବଂ କାଦୁଅ ପାଣିରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼େ। ରୋଗୀଙ୍କୁ ଡାକ୍ତରଖାନା ନେବା କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ, ଗ୍ରାମରେ ବିଦ୍ୟୁତ୍ ସରବରାହ ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୁର୍ବଳ। ପୁରୁଣା ଓ ଭାରସାମ୍ୟହୀନ ଟ୍ରାନ୍ସଫର୍ମର ଯୋଗୁ ପ୍ରାୟତଃ ବିଦ୍ୟୁତ୍ କାଟ୍ ଏବଂ କମ୍ ଭୋଲ୍‌ଟେଜ୍ ସମସ୍ୟା ଦେଖାଦେଉଛି, ଯାହାଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ତେଣୁ ଗ୍ରାମରେ ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି ହୋଇଛି। ଦାବିପତ୍ର ଗ୍ରହଣ କରିବା ସମୟରେ ଅଧିକାରୀମାନେ ଖୁବ୍ ଶୀଘ୍ର ଏହି ସମସ୍ୟାଗୁଡ଼ିକର ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଶୀଘ୍ର ଏହାର ସମାଧାନ ନହୁଏ, ତେବେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

## ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ

# ସୁବର୍ଣ୍ଣପୁରରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍ ଠାରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଥିଲା। ବୈଠକରେ ବୀରମହାରାଜପୁର ବିଧାୟକ, ଇଞ୍ଜିନିୟର ରଘୁନାଥ ଜଗଦଳା, ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ଉପଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମନ୍ୱୟରେ ବୈଠକ ପରିଚାଳିତ ହୋଇଥିଲା। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଲାଇନ୍ ବିଭାଗ ପକ୍ଷରୁ ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ସମ୍ପର୍କରେ ସୂଚନା ଉପସ୍ଥାପନ କରାଯାଇଥିଲା। ସାଂସଦ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ ଅସମ୍ପୂର୍ଣ୍ଣ ଓ ଆବଶ୍ୟକତା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର



ସମ୍ପାଦନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍ ଆଣ୍ଡ୍ ବି ବିଭାଗର ସମୀକ୍ଷା ସମୟରେ ସମ୍ପୂର୍ଣ୍ଣ ହୋଇଥିବା କୋଠାଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା, କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ଆବଶ୍ୟକ ମରାମତି କରିବା ସହ ଶଙ୍କରା ସିଏଚ୍‌ସିକୁ ସୁଗମ ଯାତାୟାତ ନିମନ୍ତେ ଆପ୍ରୋଚ୍ ରୋଡ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବେଳେ ଡାକ୍ତର ଅଭାବ ଦୂର କରିବା ସହ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ସୁବିଧାରେ ଉନ୍ନତି ଆଣିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଏସ୍‌ଏନ୍‌ଏଲ୍‌ର ଟାୱାର ସମସ୍ୟାକୁ ତୁରନ୍ତ ସଚଳ କରିବା ପାଇଁ ପଦକ୍ଷେପ ନେବା, ସେହିପରି ବର୍ଷା ଋତୁକୁ ଦୃଷ୍ଟିରେ ରଖି ପୌରପାଳିକା ଅଞ୍ଚଳର ଡ୍ରେନ୍ ଗୁଡ଼ିକୁ ସଫା କରି ଜଳ ନିଷ୍କାସନ ବ୍ୟବସ୍ଥା ସୁଗମ କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଜିଲ୍ଲାରେ ଦୁଇଟି ନୂତନ ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲ ନିର୍ମାଣ ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଉତ୍କଳ ବାଳାଶ୍ରମର ଖାଦ୍ୟ ସମ୍ପର୍କିତ ପ୍ରସଙ୍ଗ ଉଠାଇ ଏହି ଘଟଣାର ପ୍ରକୃତ ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ କୋଠାଗୁଡ଼ିକର ସୁରକ୍ଷା ଯାଞ୍ଚ କରି ଆବଶ୍ୟକ ମରାମତି କରାଇବାକୁ କୁହାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସଠିକ୍ ସର୍ଭେ କରି ଯୋଗ୍ୟ କୌଣସି ହିତାଧିକାରୀ ଯେପରି ଯୋଜନାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲ୍ଲାର ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଆବାସ ଯୋଜନା ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ସମୟୋପଯୋଗୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।




# ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ:ବାସ୍ତୁବିତ ଡ଼. ଚିନ୍ତାମଣି ପାଢ଼ୀଙ୍କୁ ଦାରୁବ୍ରହ୍ମ ସମ୍ମାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ଠାରେ ଆୟୋଜିତ ଶନି ଓ ରବିବାର ଦୁଇ ଦିନିଆ ଅନ୍ତର୍ଜାତୀୟ ଆଷ୍ଟ୍ରୋଲୋଜି ସମ୍ମିଳନୀରେ ବାସ୍ତୁବିତ ଡ. ଚିନ୍ତାମଣି ପାଢ଼ୀଙ୍କୁ ଦାରୁବ୍ରହ୍ମ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି। ପୁରୀ ସ୍ଥିତ ଧ୍ରୁବ ଆଷ୍ଟ୍ରୋଲୋଜି ରିସର୍ଚ୍ଚ ସେଣ୍ଟର ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଭାରତୀୟ ଜ୍ଞାନ ପରମ୍ପରାରେ ଆଜୀବିକା ବିମର୍ଶ ଶୀର୍ଷକ ଆଲୋଚନା ଚକ୍ର ବିଷୟରେ ଡ. ପାଢ଼ୀ ଦୀର୍ଘ ୮ ମିନିଟ୍‌ର ବକ୍ତବ୍ୟ ସନ୍ଦର୍ଭ ବିଚାରକ ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ବାସ୍ତୁଶାସ୍ତ୍ରରେ ପି.ଏଚ୍.ଡି. ହାସଲ କରିଥିବା ଡ. ପାଢ଼ୀ ଜ୍ୟୋତିଷ ଶାସ୍ତ୍ରରେ ବ୍ୟକ୍ତି ବିଶେଷଙ୍କ ଜାତକରେ ଦଶମ ଭାବ କିପରି ନିଜର ବୃତ୍ତି ଓ କର୍ମକାରକ ଉପରେ ପ୍ରଭାବ ରଖେ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥଲେ। ଧ୍ରୁବ ଜ୍ୟୋତିଷ ଗବେଷଣା କେନ୍ଦ୍ର ସଂସ୍ଥାପିକା ଡା. ସସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ କୁଳପୀଠ ପୀଠାଧୀଶ୍ୱର ଶ୍ରୀ ଶ୍ରୀ ଡା. ସଚ୍ଚିଦାନନ୍ଦ ମହାରାଜ, ଲକ୍ଷନୌ କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାଳୟ ନିର୍ଦ୍ଦେଶକ ସର୍ବ ନାରାୟଣ ଝା, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ପ୍ରଭାତ କୁମାର ମହାପାତ୍ର, କୁଳ ସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଆଚାର୍ଯ୍ୟ ଶତ୍ରୁଘ୍ନ ପାଣିଗ୍ରାହୀ, ମୋହିନୀ ମୋହନ ମିଶ୍ର, ଗୁରୁମା ଚେତନା ଜୀ ପ୍ରମୁଖ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରରେ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରର ଉପକାରିତା ଓ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଖବର ଜଣାପଡିବା ପରେ ବିଭିନ୍ନ ମହଲରୁ ଡକ୍ଟର ପାଢ଼ୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କଲେ ସ୍ୱେଚ୍ଛାସେବୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଏକ ନିଜସ୍ୱ ଦୋକାନ ଘର ଖୋଲିବା ପାଇଁ ପ୍ରବର୍ତ୍ତାଇ ଥିବା ବରଗଡ଼ର ସ୍ମଶାନ ସାଥୀ ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଦିନେଶ ଅଗ୍ରୱାଲ ଏବଂ ସମାଜସେବୀ ମମତା ଅଗ୍ରୱାଲ ଯୋଗଦେଇ ଜଣେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ଜନ ସେବାରେ ଆଉ ପାଦେ ଆଗକୁ ବଢ଼ିଛନ୍ତି। ଅଞ୍ଜଳି ପଟେଲଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରି ବରଗଡ଼ ବାନ୍ଧୁଟିକ୍ରା ଛକରେ ଏକ ଖେଳଣା ଦୋକାନ କରି ସ୍ୱାବଲମ୍ବୀ ହେବାର ବାଟ ବତେଇ ଦେଇଛନ୍ତି। ଏଣୁ ଉକ୍ତ ଦୋକାନ ଗୃହକୁ ଖୋଲିବା ପୂର୍ବରୁ ସଂଘମିତ୍ରା ଏବଂ ଅନ୍ୟାନ୍ୟ ଅତିଥିମାନଙ୍କୁ ଡାକି ତାଙ୍କ ଦ୍ୱାରା ଦୋକାନର ଉଦ୍ଘାଟନ କରିଥିଲେ। ଏହିପରି କାର୍ଯ୍ୟ କରିଥିବାରୁ ଶ୍ରୀମତୀ ପଟେଲଙ୍କୁ ସମସ୍ତେ ପ୍ରଶଂସା କରିଥିଲେ। ଆଗକୁ ମଧ୍ୟ ଏହିପରି କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀମତୀ ପଟେଲ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ଗୋଚର ଜମିରେ ପକ୍କା ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ୍ ଅନ୍ତର୍ଗତ ପଲ୍ଲୀ ରଘୁନାଥପୁର ଗ୍ରାମରେ ଏକ ଗୋଚର ଜମି ଉପରେ ବ୍ଲକ ପ୍ରଶାସନ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ବୋର୍ଡ ଲଗାଇ ଏକ ନୂତନ ପକ୍କା ଗୃହ ନିର୍ମାଣ କରୁଥିବାରୁ ଗ୍ରାମର କେତେକ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଭେଟି ଘଟଣାର ତଦନ୍ତ କରି ଗୋଚର ଜମିରେ ନିର୍ମାଣ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଗ୍ରାମର ଖତିଆନ୍ ନମ୍ବର -୭୧୫ ପ୍ଲଟ୍ ନମ୍ବର- ୯୦୧ ଏ୦.୦୭୦ ଡିସିମିଲ୍ ଉପରେ ନିର୍ମାଣ ହେଉଥିବା ଏହି ଗୃହକୁ ବନ୍ଦ କରିବା ପାଇଁ ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଗ୍ରାମର ପ୍ରଭାତ ରଞ୍ଜନ ଜେନା, ରାଜକିଶୋର ମହାରଣା, ସର୍ବେଶ୍ୱର ମହାରଣା, ରବିନାରାୟଣ ଜେନା, ସୌମ୍ୟରଞ୍ଜନ ଦାସ, ମୁରଲୀଧର ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ବେଆଇନ୍ ଭାବେ ଗୋଚର ଜମିରେ ନିର୍ମାଣ ହେଉଥିବା ପକ୍କା ଗୃହକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

# ଆନ୍ଧ୍ର ଫୁଲ ବ୍ରହ୍ମପୁରରେ ଗଦା:ଚାହିଦା ମେଣ୍ଟାଇ ପାରୁନାହାନ୍ତି ସ୍ଥାନୀୟ ଚାଷୀ,ଆନ୍ଧ୍ର ବେପାରୀ ମାଲାମାଲ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଫୁଲ ଚାଷକୁ ପ୍ରୋତ୍ସାହିତ କରିବାକୁ ତତ୍‌କାଳୀନ ବିଜେଡ଼ି ସରକାର ଅମଳରେ ୨୦୨୨-୨୩ରେ ଫ୍ଲୋରିକଲ୍‌ଚର୍ ମିସନ୍ ଆରମ୍ଭ ହୋଇଥିଲା । ଅଧିକରୁ ଅଧିକ ଅଞ୍ଚଳରେ ଫୁଲ ଚାଷ ଏବଂ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ମିସନ୍‌ରେ ପ୍ରତିବର୍ଷ ଫୁଲ ଉତ୍ପାଦନ ବୃଦ୍ଧି ହେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇପାରୁନି । ଫଳରେ ବେପାରୀଙ୍କୁ ଅନ୍ୟ ରାଜ୍ୟର ଫୁଲ ଉପରେ ଭରସା କରିବାକୁ ପଡୁଛି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମପୁରରେ । ଆଗକୁ ଫୁଲ ପାଇଁ କୋଲକାତା ଉପରେ ନିର୍ଭର କରୁଥିବା ବେଳେ ଏବେ ଆନ୍ଧ୍ର ଏହାର ସ୍ଥାନ ନେଇଛି । ସେହିପରି ପୁରୁଷୋତ୍ତମପୁର, ଗୋଳନ୍ଥରା, ପାତ୍ରପୁର ଓ ବେଗୁନିଆପଡ଼ା ପରି କିଛି ଅଞ୍ଚଳରେ ଫୁଲ ଚାଷ ହେଉଥିଲେ ହେଁ ତାହା ଆବଶ୍ୟକତା ମେଣ୍ଟାଇପାରୁନି ।



ବର୍ତ୍ତମାନ ବ୍ରହ୍ମପୁରର ବ୍ୟବସାୟୀମାନେ ଆନ୍ଧ୍ର ଓ କୋଲକାତାରେ ଧାର୍ଯ୍ୟ ହୋଇଥିବା ଦର ଅନୁସାରେ ଫୁଲ ବିକ୍ରି କରୁଛନ୍ତି । ଏବେ ଗେଣ୍ଡୁଫୁଲ ଗୋଟିଏ ଝୁଡ଼ି ଦର ୧୫୦୦ ରୁ ୨୦୦୦ ଟଙ୍କା ପଡୁଛି । ସାଧାରଣ ଦିନ ଗୁଡ଼ିକରେ ୮ ରୁ ୧୦ ଝୁଡ଼ି ଫୁଲ ବିକ୍ରି ହେଉଥିବା ପାର୍ବଣ ଋତୁ ଓ ବାହାଘର ସିଜନ୍‌ରେ ଏହାର ଚାହିଦା ଦୁଇଗୁଣା ବଢ଼ିଯାଇଛି । ଗେଣ୍ଡୁ ଫୁଲ ପାଉ କେତେବେଳେ ୬୦ ତ କେତେବେଳେ ୭୦ ଟଙ୍କାରେ । ପର୍ବପର୍ବାଣୀ ଆସିଲେ ଏହା ୧୦୦ ଟଙ୍କା କରାଯାଉଛି । କିଛି ଦିନ ତଳେ ଲାଲ ଗେଣ୍ଡୁ ପାଉ ୩୦ ରୁ ୩୫ ଟଙ୍କା ଓ ହଳଦିଆ ରଙ୍ଗର ଗେଣ୍ଡୁ ଫୁଲ ୩୫ ରୁ ୪୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ଦର ୭୦ ଟପିଛି । ଦର ଶୁଣି ଗ୍ରାହକ ଛାନିଆ ହେଉଛନ୍ତି । ବରିଷ୍ଠ ବ୍ୟବସାୟୀ କହିଛନ୍ତି ବାଲିଅନ୍ତା, ବାଲିପାଟଣା, ରଘୁନାଥପୁର, ଜଗତସିଂହପୁର, ସାକ୍ଷୀଗୋପାଳ ଓ ସ୍ଥାନୀୟ ସୋରଲ ଅଞ୍ଚଳରେ ଫୁଲ ଉତ୍ପାଦନ ହେଉଛି । ହେଲେ ତାହା ନିଅଣ୍ଟ ହେଉଛି । ଏଥିପାଇଁ ଆମକୁ ବର୍ଷସାରା ଗେଣ୍ଡୁ ସମେତ ଗୋଲାପ, ରଜନୀଗନ୍ଧା, ମଲ୍ଲୀ, ଇଟମଣା ଓ ମନ୍ଦାର ଫୁଲ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଆଉ ଜଣେ ଫୁଲ ବ୍ୟବସାୟୀ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଫୁଲ ଚାହିଦା ମେଣ୍ଟାଇ ପାରୁନଥିବାରୁ ଆନ୍ଧ୍ରରୁ ଫୁଲ ଆସୁଛି । ଏହାକୁ ଦେଖି ସେଠାକାର ବ୍ୟବସାୟୀ ନିରନ୍ତର ଭାବେ ଫୁଲ ଝୁଡ଼ି ଦର ବଢ଼ାଇ ଚାଲିଛନ୍ତି। ଆମକୁ ପ୍ରତିମାସରେ ସାହୁକାର ଠାରୁ ଫୁଲ ଝୁଡ଼ି ପିଛା ୧୦୦ ରୁ ୨୦୦ ଅଧିକ ଦେବାକୁ ପଡୁଛି । ସେହିପରି ଦରବୃଦ୍ଧି ଦେଖି ଗ୍ରାହକମାନେ ୧୦-୨୦ ଟଙ୍କାର ଫୁଲ ମାଗି କାମ ଚଳାଇ ଦେଉଛନ୍ତି । ଏଭଳି ସ୍ଥିତିରେ କୌଣସି ଦିନ ସବୁ ଫୁଲ ବିକ୍ରି ନହୋଇପାରିଲେ ନଷ୍ଟ ହେଉଛି ଓ ଆମକୁ କ୍ଷତି ସହିବାକୁ ପଡୁଛି । ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳିଲେ ଉତ୍ପାଦନ ଆହୁରି ବଢ଼ିପାରିବ ବୋଲି ମତପ୍ରକାଶ କରିଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୬ ସେପ୍ଟେମ୍ବର, ରବିବାର,୨୦୨୬



# ପରିବର୍ତ୍ତନ ହେବ ଆରସିବିର ନାମ!

**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଆଇପିଏଲ ୨୦୨୬ ଟାଇଟଲ ଜିତିଲା। ଏହା ଦଳର ଲଗାତାର ଦ୍ୱିତୀୟ ଟ୍ରଫି। ପୂର୍ବ ସିଜିନ ଆରମ୍ଭ ହେବା ପୂର୍ବରୁ ଫ୍ରାଞ୍ଚାଇଜର ବିକ୍ରୟ ଖବର ପ୍ରକାଶ ପାଇଥିଲା; ଆଦିତ୍ୟ ବିର୍ଲା ଗ୍ରୁପ, ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପ, ବ୍ଲାକଷ୍ଟୋନ ଏବଂ ବୋଲ୍ଟ ଭେଞ୍ଚର୍ସକୁ ନେଇ ଗଠିତ ଏକ କନସୋର୍ଟିୟମ ଦଳରେ ୧୦୦% ଅଂଶଧନ ହାସଲ କରିଥିଲା। ମାଲିକାନା ପରିବର୍ତ୍ତନ ପରେ, ଦଳର ନାମ ପରିବର୍ତ୍ତନ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ବର୍ତ୍ତମାନ, ଆରସିବି ଅଧ୍ୟକ୍ଷ ଆର୍ଯ୍ୟମାନ ବିର୍ଲା ଏହି ପ୍ରସଙ୍ଗରେ ତାଙ୍କର ନୀରବତା ଭାଙ୍ଗିଛନ୍ତି।

ରିପୋର୍ଟ ଅନୁଯାୟୀ, ଆର୍ଯ୍ୟମାନ ସ୍ପଷ୍ଟ କରିଛନ୍ତି ଯେ ମାଲିକାନା ପରିବର୍ତ୍ତନ ଦଳର ନାମକୁ କୌଣସି ପରିବର୍ତ୍ତନ କରିବ ନାହିଁ। ଫ୍ରାଞ୍ଚାଇଜ ଅଧ୍ୟକ୍ଷ କହିଛନ୍ତି ଯେ ଏହା ଏକ ପ୍ରମୁଖ ବ୍ରାଣ୍ଡ ଏବଂ ସେମାନେ ନାମକୁ ଭଲ ପାଆନ୍ତି। ଦଳର ନାମ ପରିବର୍ତ୍ତନ କରିବାର ପ୍ରସଙ୍ଗ ଏହା ପ୍ରଥମ ଥର ନୁହେଁ; ପୂର୍ବରୁ ମଧ୍ୟ ଏପରି ସ୍ପଷ୍ଟୀକରଣ ଜାରି କରାଯାଇଛି। ପ୍ରଶଂସକମାନେ ଜାଣି ବହୁତ ଆଶ୍ୱସ୍ତ ହେବେ ଯେ ସେମାନଙ୍କ ପ୍ରିୟ ଦଳର ନାମରେ କୌଣସି ପରିବର୍ତ୍ତନ ହେବ ନାହିଁ।

୨୦୦୮ ମସିହାରେ ଆଇପିଏଲ୍ ଆରମ୍ଭ ହେବାଠାରୁ ୨୦୨୪ ପର୍ଯ୍ୟନ୍ତ, ବେଙ୍ଗାଲୁରୁର ପ୍ରଦର୍ଶନ ବହୁତ ଖରାପ ଥିଲା; ଏହି ସମୟ ମଧ୍ୟରେ ଦଳ ଗୋଟିଏ ବି ଟାଇଟଲ ଜିତିପାରିଲା ନାହିଁ। ତଥାପି, ଏକ ଉଲ୍ଲେଖନୀୟ ଦିଗ ଥିଲା ଟ୍ରଫି ଅଭାବ ସତ୍ତ୍ୱେ ଦଳର ପ୍ରଶଂସକଙ୍କ ସଂଖ୍ୟାରେ ସ୍ଥିର ବୃଦ୍ଧି – ଏକ କାରଣ ଯାହା ଦଳର ସର୍ବବୃହତ ଶକ୍ତି ରହିଥିଲା। ବର୍ଷ ବର୍ଷ ଧରି, ବିରାଟ କୋହଲିଙ୍କ ସମେତ ଅନେକ ପ୍ରତିଷ୍ଠିତ ଖେଳାଳିଙ୍କ ନେତୃତ୍ୱରେ ଦଳ ନେତୃତ୍ୱ ନେଇଥିଲା।

ତା'ପରେ ୨୦୨୫ ଆସିଥିଲା, ଏବଂ ଭାରତୀୟ ବ୍ୟାଟ୍ସମ୍ୟାନ ରଜତ ପାଟିଦାରଙ୍କୁ ଦଳର ଦାୟିତ୍ୱ ଦିଆଯାଇଥିଲା। ସେହି ବର୍ଷ, ଦଳ ୧୮ ବର୍ଷର ମରୁଡ଼ି ଶେଷ କରି ପ୍ରଥମ ଟାଇଟଲ ଜିତିଥିଲା। ପାଟିଦାରଙ୍କ ଅଧିନାୟକତ୍ୱର ପ୍ରଭାବ କେବଳ ଗୋଟିଏ ବର୍ଷ ପର୍ଯ୍ୟନ୍ତ ସୀମିତ ନଥିଲା; ଦଳ ପରବର୍ତ୍ତୀ ସିଜନରେ ୨୦୨୬ ମସିହାରେ ମଧ୍ୟ ଟ୍ରଫି ଜିତି ଇତିହାସ ରଚିଥିଲା। ଲଗାତାର ଦୁଇଟି ସିଜନରେ ଟାଇଟଲ ଜିତି, ଦଳ ତା'ର ପ୍ରଶଂସକମାନଙ୍କୁ ବିଶାଳ ଉତ୍ସବର ସୁଯୋଗ ଦେଇଥିଲା।

# ପାକିସ୍ତାନର ବଡ଼ ବିପର୍ଯ୍ୟୟ : ୫୫ ରନ୍‌ରେ ଅଟକାଇଲା ଭାରତ






**ଦୁବାଇ**

ମହିଳା ଏସିଆ କପ୍ ୨୦୨୬ରେ ପାକିସ୍ତାନର ବଡ଼ ବିପର୍ଯ୍ୟୟ ଘଟିଛି। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପାକିସ୍ତାନକୁ ଭାରତ ୫୫ ରନ୍‌ରେ ଅଟକାଇଛି। ଟୁର୍ଣ୍ଣାମେଣ୍ଟର ଗ୍ରୁପ- ଏ ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୧୮.୧ ଓଭରରେ ସମସ୍ତ ୱିକେଟ୍ ହରାଇଛି। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପକ୍ଷରୁ ଶ୍ରୀ ଚରଣୀ ଏବଂ ପ୍ରେମା ରାଉତ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି। ଦୀପ୍ତି ଶର୍ମାଙ୍କୁ ୨ଟି ଏବଂ ସେଫାଳି ବର୍ମାଙ୍କୁ ଗୋଟିଏ ୱିକେଟ୍ ମିଳିଛି।

ପାକିସ୍ତାନ ପାଇଁ ମୁନିବା ଅଲି ଏବଂ ଶାୱାଲ ଜୁଲଫିକର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୭ ରନ୍ କରିଥିଲେ। ଭାରତର ପ୍ରଥମ ଶିକାର ହୋଇଥିଲେ ମୁନିବା ଅଲି। ସେ ବ୍ୟକ୍ତିଗତ ଭାବେ ୧୫ଟି ବଲ୍ ଖେଳି ୧୩ ରନ୍ ସଂଗ୍ରହ କରିଥିଲେ ଏବଂ ଶେଫାଳି ବର୍ମାଙ୍କର ଶିକାର ହୋଇଥିଲେ।

ପାକିସ୍ତାନ ପାଇଁ ଶାଲୱାଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୪ଟି ବଲ୍ ଖେଳି ୩ଟି ଚୌକା ସହାୟତାରେ ୧୪ ରନ୍ ସଂଗ୍ରହ କରିଥିଲେ। ଶ୍ରୀଚରଣୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ପ୍ରାରମ୍ଭିକ ବ୍ୟାଟର ଦ୍ୱୟଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଚାରିଜଣ ଖେଳାଳି (ଗୁଲ ଫିରୋଜା, ଫତିମା ସାନା, ନର୍ସା ସାନ୍ଧୁ ଏବଂ ସାଦିଆ ଇକବାଲ) ଖାତା ଖୋଲିପାରି ନଥିଲେ।

# ଫାଇନାଲ ମ୍ୟାଚ ପୂର୍ବରୁ ବୈଭବଙ୍କୁ ନେଇ ଚାରିଆଡେ ହେଲାଣି ଚର୍ଚ୍ଚା






**ନୂଆଦିଲ୍ଲୀ**

ଇଷ୍ଟ ଜୋନ ଓ ସାଉଥ ଜୋନ ମଧ୍ୟରେ ରବିବାରଠାରୁ ଦୁଲୀପ ଟ୍ରଫି ୨୦୨୬ର ଫାଇନାଲ ମ୍ୟାଚ ଖେଳାଯିବ। ଚେନ୍ନାଇର ଏମଏ ଚିଦମ୍ବରମ ଷ୍ଟାଡିୟମରେ ଏହି ଟାଇଟଲ ଲଢ଼େଇ ହେବ। ଫାଇନାଲ ପୂର୍ବରୁ ଇଷ୍ଟ ଜୋନର ଅଧିନାୟକ ଇଶାନ କିଶନ ପ୍ରେସ କନଫରେନ୍ସରେ ଯୋଗଦେଇ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖୁବ ପ୍ରଶଂସା କରିଛନ୍ତି।

ଏହି ମ୍ୟାଚରେ ମହମ୍ମଦ ଶାମିଙ୍କ ଅଭିଜ୍ଞତା ମଧ୍ୟ ଇଷ୍ଟ ଜୋନ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ଶାମି ନିଜର ୧୦୦ତମ ଫର୍ଷ୍ଟ କ୍ଲାସ ମ୍ୟାଚ ଖେଳିବାକୁ ପଡ଼ିଆକୁ ଓହ୍ଲାଇବେ।

୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଦୁଲୀପ ଟ୍ରଫି ୨୦୨୬ର ଫାଇନାଲରେ ଖେଳିବେ। ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ତାଙ୍କୁ ସାମିଲ କରାଯାଇଥିବାରୁ ଦୁଲୀପ ଟ୍ରଫି ଫାଇନାଲରେ ସେ ଖେଳିବେ କି ନାହିଁ, ତାକୁ ନେଇ ଆଶଙ୍କା ରହିଥିଲା।

ସମୀକ୍ଷା ବୈଠକ ପରେ ବିସିସିଆଇ ସଚିବ ଦେବଜିତ ସୈକିଆ କହିଥିଲେ ଯେ ବୈଭବ ଫାଇନାଲ ଖେଳିବା ନେଇ ଅନ୍ତିମ ନିଷ୍ପତ୍ତି ଗୌତମ ଗମ୍ଭୀର ନେବେ। ଏବେ ସ୍ପଷ୍ଟ ହୋଇଛି ଯେ ଫାଇନାଲରେ ଇଷ୍ଟ ଜୋନ ପାଇଁ ବୈଭବ ମଇଦାନକୁ ଓହ୍ଲାଇବେ। ପ୍ରି-ମ୍ୟାଚ ପ୍ରେସ କନଫରେନ୍ସରେ ଇଶାନ କିଶନ କହିଛନ୍ତି, ସତ କହିବାକୁ ଗଲେ ବୈଭବ ସୂର୍ଯ୍ୟବଂଶୀ ବହୁତ ସ୍ମାର୍ଟ ପ୍ଲେୟର। ସେ କ'ଣ କରୁଛନ୍ତି, ତାହା ତାଙ୍କୁ ଭଲ ଭାବେ ଜଣା। ଶେଷ ମ୍ୟାଚରେ ସେ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଯଦି କିଛି ଆବଶ୍ୟକତା ପଡ଼େ, ତେବେ ଆମେ ସବୁବେଳେ ତାଙ୍କ ସହାୟତା ପାଇଁ ଛିଡ଼ା ହୋଇଛୁ।

# ଗୁରୁ ଦିବସରେ ଭାବପ୍ରବଣ ହେଲେ ସଚିନ ତେନ୍ଦୁଲକର : ପିତାଙ୍କ ସ୍ମୃତିରେ ଆରମ୍ଭ କଲେ ଏକ ଅନନ୍ୟ ପ୍ରୟାସ

**ମୁମ୍ବାଇ**

'କ୍ରିକେଟର ଭଗବାନ' ଭାବରେ ସମ୍ମାନିତ ସଚିନ ତେନ୍ଦୁଲକର ଆଜି ତାଙ୍କ ପିତାଙ୍କୁ ମନେ ପକାଇ ଭାବପ୍ରବଣ ହୋଇଗଲେ। ଶିକ୍ଷକ ଦିବସ ଅବସରରେ, ସେ ତାଙ୍କ ପିତା ରମେଶ ତେନ୍ଦୁଲକରଙ୍କୁ ତାଙ୍କର ପ୍ରଥମ ପରାମର୍ଶଦାତା ଏବଂ ମାର୍ଗଦର୍ଶକ ଭାବରେ ବର୍ଣ୍ଣନା କରି ଉଲ୍ଲେଖ କରିଥିଲେ ଯେ ସେ ହିଁ ପ୍ରଥମେ ତାଙ୍କ କ୍ରିକେଟ ପ୍ରତି ପ୍ରେମକୁ ଚିହ୍ନିଥିଲେ ଏବଂ ତାଙ୍କୁ ଖେଳରେ କ୍ୟାରିଅର କରିବା ପାଇଁ ସ୍ୱାଧୀନତା ଦେଇଥିଲେ। ସଚିନ ତାଙ୍କ ସ୍ୱାସ୍ଥ୍ୟସେବା ସହଯୋଗୀ 'ଇଙ୍ଗା ହେଲ୍ଥ ଫାଉଣ୍ଡେସନ' ସହିତ ମିଶି 'ପ୍ରଫେସର ରମେଶ ତେନ୍ଦୁଲକର ମେମୋରିଆଲ ଫେଲୋସିପ' ଆରମ୍ଭ କରିବାର ଘୋଷଣା କରିଥିଲେ।

ଏକ୍ସରେ ତାଙ୍କ ପିତାଙ୍କ ସହ ଏକ ଫଟୋ ଶେୟାର କରି ସଚିନ ଲେଖିଛନ୍ତି, 'ଯେତେବେଳେ ମୁଁ ମୋ ଯାତ୍ରାକୁ ଗଢ଼ି ତୋଳିଥିବା ଲୋକଙ୍କ ବିଷୟରେ ଭାବେ, ଏହା କ୍ରିକେଟ ପଡ଼ିଆରୁ କିମ୍ବା ପ୍ରଶିକ୍ଷକଙ୍କ ସହିତ ଆରମ୍ଭ ହୁଏ ନାହିଁ; ଏହା ଘରୁ ଆରମ୍ଭ ହୁଏ। କେହି ଜାଣିବା ପୂର୍ବରୁ ମୁଁ କିଏ, ମୋ ପିତା କ୍ରିକେଟ ପ୍ରତି ମୋର ଭଲପାଇବାକୁ ଚିହ୍ନି ପାରିଲେ ଏବଂ ହୁଏତ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ବୁଝିପାରିଲେ ଯେ ଏହା ମୋ ପାଇଁ କ'ଣ ଅର୍ଥ ରଖେ। ସେ ଜାଣି ନଥିଲେ ଯେ ମୁଁ ଖେଳରେ କେତେ ଦୂର ଯିବି, କିନ୍ତୁ ସେ ମୋତେ ଏହାକୁ ଅନୁସରଣ କରିବାର ସ୍ୱାଧୀନତା ଦେଇଥିଲେ।'

ସେ ଆହୁରି ଲେଖିଛନ୍ତି, 'ମୋ ବାପା ରମେଶ ତେନ୍ଦୁଲକର ଜଣେ ଲେଖକ, କବି ଏବଂ ପ୍ରଫେସର ଥିଲେ, କିନ୍ତୁ ସର୍ବୋପରି, ସେ ଜଣେ ପରାମର୍ଶଦାତା ଏବଂ ମାର୍ଗଦର୍ଶକ ଥିଲେ – କେବଳ ମୋ ପାଇଁ ନୁହେଁ, ବରଂ ଅନେକଙ୍କ ପାଇଁ। ସେ ମୋତେ କ୍ରିକେଟ ଖେଳିବାର ସ୍ୱାଧୀନତା ଦେଇଥିଲେ ଏବଂ ମୋତେ ମନେ ପକାଇ ଦେଇଥିଲେ ଯେ ସଫଳତା କେବେବି ଚରିତ୍ରର ମୂଲ୍ୟରେ ଆସିବା ଉଚିତ ନୁହେଁ। ମୋ ବାପା ମୋ ପିଲାବେଳେ କହିଥିବା କିଛି କଥା ମୋ ଜୀବନ ସାରା ମୋ ସହିତ ରହିଛି। ସେ ମୋତେ ଶିଖାଇଥିଲେ ଯେ ହାରିବା ଠିକ ଅଛି, କିନ୍ତୁ କେବେ ଠକିବା ନାହିଁ; କେବେବି ସର୍ଟକଟ ନେବା ନାହିଁ। ମୁଁ କେବଳ ଏକ ପୁଅ ଥିଲି ଯିଏ କ୍ରିକେଟ ଖେଳିବାକୁ ଭଲ ପାଉଥିଲା, କିନ୍ତୁ ମୋ ବାପା ଏଥିରେ ଅଧିକ କିଛି ଦେଖିଥିଲେ। ସେ ମୋତେ କ'ଣ ହେବା ଉଚିତ ତାହା ନିର୍ଦ୍ଦେଶ ଦେବାକୁ ଚେଷ୍ଟା କରିନଥିଲେ; ବରଂ, ସେ ମୋତେ



ଏହାକୁ ନିଜ ପାଇଁ ଆବିଷ୍କାର କରିବା ପାଇଁ ସ୍ଥାନ ଏବଂ ସମର୍ଥନ ଦେଇଥିଲେ। ଅନେକ ଭାବରେ, ଜଣେ ମହାନ ଶିକ୍ଷକ କିମ୍ବା ପରାମର୍ଶଦାତା ଏହା କରନ୍ତି – ସେମାନେ ଆପଣଙ୍କ ମଧ୍ୟରେ ଥିବା ସମ୍ଭାବନାକୁ ଚିହ୍ନିପାରନ୍ତି ଯାହାକୁ ଆପଣ ନିଜ ଭିତରେ ଦେଖିପାରିବେ ନାହିଁ।' ସଚିନ ତେନ୍ଦୁଲକର ଆହୁରି ଲେଖିଛନ୍ତି, 'ଭାରତରେ ଯୁବ ପ୍ରତିଭାର ଅଭାବ ନାହିଁ। ପିଲାଟି ବ୍ୟାଟ, ବଲ, କିମ୍ବା ପୁସ୍ତକ ଧରିଥାଏ, କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ନିଜର ସମ୍ଭାବନାକୁ ଆବିଷ୍କାର କରିଥାଏ, ଏହା ସେମାନଙ୍କୁ ନିଜସ୍ୱ ଢଙ୍ଗରେ ଅନନ୍ୟ କରିଥାଏ। ପ୍ରାୟତଃ, ସମସ୍ୟା ପ୍ରତିଭାର ଅଭାବ ନୁହେଁ, ବରଂ ସେହି ପ୍ରତିଭାକୁ ଚିହ୍ନିପାରୁଥିବା ଏବଂ ପୋଷଣ କରିପାରୁଥିବା ଲୋକଙ୍କ ପାଖରେ ପହଞ୍ଚିବାର ଅଭାବ। ଏହା ଅଞ୍ଜଳି ଏବଂ ମୁଁ ଯେଉଁ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲୁ ତାହା ପଛରେ ପ୍ରେରଣାଦାୟକ ଶକ୍ତି ଥିଲା। ସାରା ଭାରତରେ, ଏପରି ଅପାର ସମ୍ଭାବନା ଥିବା ପିଲାମାନେ ଅଛନ୍ତି ଯେଉଁମାନେ କେବଳ ପ୍ରଶିକ୍ଷକ, ପରାମର୍ଶଦାତା, ଅନୁକୂଳ ଶିକ୍ଷା ପରିବେଶ କିମ୍ବା ମୌଳିକ ସ୍ୱାସ୍ଥ୍ୟସେବାର ଅଭାବ ଯୋଗୁ ଏହାକୁ ସାକାର କରିବାର ସୁଯୋଗ ପାଇପାରିବେ ନାହିଁ। ଆମର ଦୃଷ୍ଟିକୋଣ ହେଉଛି ଖେଳ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାରେ ସେମାନଙ୍କର ସମାନ ପ୍ରବେଶ ଏବଂ ସେମାନେ ମଧ୍ୟ ଉତ୍କର୍ଷ ହାସଲ କରିପାରିବେ ବୋଲି ପ୍ରମାଣ କରିବାର ସୁଯୋଗ ନିଶ୍ଚିତ କରିବା।'

ସଚିନ ଆହୁରି ମଧ୍ୟ କହିଛନ୍ତି, 'ମୋ ବାପା ଜଣେ ଶିକ୍ଷକ ଭାବରେ ତାଙ୍କ ଜୀବନ ବିତାଇଥିଲେ, ଏବଂ ମୁଁ ବିଶ୍ୱାସ କରେ ଯେ ସେ ମୋତେ ଯେଉଁ ସର୍ବୋତ୍ତମ ଶିକ୍ଷା ଦେଇଥିଲେ ତାହା ହେଉଛି ଜଣଙ୍କୁ ଆତ୍ମବିଶ୍ୱାସ ଦେବା ଏବଂ ସେମାନଙ୍କର ସମ୍ଭାବନାକୁ ସାକାର କରିବାର ସୁଯୋଗ ଦେବାର ଗୁରୁତ୍ୱ। ଏହି ଶିକ୍ଷକ ଦିବସରେ, ଆମେ ପ୍ରଥମ ବ୍ୟକ୍ତିଙ୍କୁ ସମ୍ମାନିତ କରିବାର ସୁଯୋଗ ନେଉଛୁ ଯିଏ ମୋ ଭିତରେ କିଛି ଦେଖିଥିଲେ ଏବଂ ମୁଁ କ'ଣ ହୋଇପାରିବି ତାହା ଉପରେ ବିଶ୍ୱାସ କରିଥିଲେ। ଆମର ଦୀର୍ଘକାଳୀନ ସ୍ୱାସ୍ଥ୍ୟସେବା ସହଯୋଗୀ, 'ଇଙ୍ଗା ହେଲ୍ଥ ଫାଉଣ୍ଡେସନ' ସହିତ ମିଳିତ ଭାବରେ 'ପ୍ରଫେସର ରମେଶ ତେନ୍ଦୁଲକର ସ୍ମାରକୀ ଫେଲୋସିପ' ଆରମ୍ଭ କରିବାକୁ ଆମେ ଅତ୍ୟନ୍ତ ଗର୍ବିତ।' ସେ ଆହୁରି ଲେଖିଛନ୍ତି, 'ପ୍ରତିବର୍ଷ, ଜଣେ ଏମଡି (ଡକ୍ଟର ଅଫ ମେଡିସିନ) ଶ୍ରୀନଗରରେ କ୍ଲେଫ୍ଟ ଏବଂ କ୍ରାନିଓଫେସିଆଲ କେୟାରରେ ଏକ ବର୍ଷର ବିଶେଷଜ୍ଞତା ସୁଯୋଗ ପାଇଁ ଆର୍ଥିକ ସହାୟତା ପାଇବେ। କାର୍ଯ୍ୟକ୍ରମ ସମାପ୍ତ କରିବା ପରେ, ଫେଲୋଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସଚିନ ତେନ୍ଦୁଲକର ଫାଉଣ୍ଡେସନରୁ ଏକ ପ୍ରମାଣପତ୍ର ମିଳିବ। ଏହା କ୍ରିଟିକାଲ କେୟାରରେ ସ୍ୱାସ୍ଥ୍ୟସେବା ବୃତ୍ତିଗତମାନଙ୍କୁ ସମର୍ଥନ କରିବା ଏବଂ ସେମାନଙ୍କ ଅଧ୍ୟୟନ କ୍ଷେତ୍ରରେ ଯୁବ ଡାକ୍ତରମାନଙ୍କୁ ଉତ୍ସାହିତ କରିବା ପାଇଁ ଆମର ଦୀର୍ଘକାଳୀନ ପ୍ରତିବଦ୍ଧତାର ଏକ ଅଂଶ। ମୋ ପାଇଁ, ଏହା କେବଳ ଏକ ଫେଲୋସିପ ଅପେକ୍ଷା ବହୁତ ଅଧିକ। ଏହା ମୋ ପିତାଙ୍କ ଗଭୀର ବିଶ୍ୱାସକୁ ଆଗକୁ ବଢ଼ାଇବାର ଏକ ଉପାୟ ଯେ ଶିକ୍ଷା ସୁଯୋଗ ସୃଷ୍ଟି କରେ, ଏବଂ ସେହି ସୁଯୋଗଗୁଡ଼ିକୁ ଅନ୍ୟମାନଙ୍କ ସେବା ପାଇଁ ବ୍ୟବହାର କଲେ ତାହା ପ୍ରକୃତରେ ଅର୍ଥପୂର୍ଣ୍ଣ ହୋଇଯାଏ।'

ତାଙ୍କ ପୋଷ୍ଟର ଶେଷରେ, ସଚିନ ତେନ୍ଦୁଲକର ଲେଖିଛନ୍ତି, 'ମୋ ବାପା ମୋତେ ମୋର ପଥ ନିଜେ ତିଆରି କରିବାର ଆତ୍ମବିଶ୍ୱାସ ଦେଇଥିଲେ। ସେ ଅନ୍ୟମାନଙ୍କୁ ଶିକ୍ଷା ଏବଂ ମାର୍ଗଦର୍ଶନ କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ, ଏବଂ ମୁଁ ଆଶା କରୁଛି ଯେ ଆମେ ଅନ୍ୟମାନଙ୍କ ପାଇଁ ସମାନ ସମ୍ଭାବନାର ପରିବେଶ ସୃଷ୍ଟି କରିପାରିବା ପିଲା ଏବଂ ଯୁବକମାନଙ୍କୁ ସେମାନେ କ'ଣ ହୋଇପାରିବେ ଏବଂ ତାହା ହାସଲ କରିବାର ଉପାୟ ଆବିଷ୍କାର କରିବାର ସୁଯୋଗ ଦେବା। ଜଣେ ଶିକ୍ଷକଙ୍କ ପାଠ ଗୋଟିଏ ଛାତ୍ର ସହିତ ଆରମ୍ଭ ହୋଇପାରେ, କିନ୍ତୁ ଏହାର ପ୍ରଭାବ ବହୁ ଦୂରକୁ ଯାତ୍ରା କରିପାରେ – ଗୋଟିଏ ଜୀବନରୁ ଅନ୍ୟ ଜୀବନକୁ, ଏବଂ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ।'

# କେନ୍ଦ୍ରାପଡା ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ଚାଷୀ ପାଇଲେ ସିଏମ୍ କିଷାନ ସହାୟତା

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଶ୍ରୀକୃଷ୍ଣ ଜୟନ୍ତୀ ଅବସରରେ ସିଏମ୍ କିଷାନ୍ ଯୋଜନାର ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ୮୪୭ ଜଣ ଚାଷୀଙ୍କୁ ୫ମ କିସ୍ତି ସହାୟତା ରାଶି ପ୍ରଦାନ କରାଯାଇଛି। ଏ ଅବସରରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ମହାକାଳପଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାର ସୁଫଳ ଦେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଜୟମିନ୍ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ପ୍ରଭଞ୍ଜନ ମିଶ୍ର, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ□ ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ କୃଷକ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କୃଷି କ୍ଷେତ୍ରରେ ବିଭାଗୀୟ ପଦକ୍ଷେପ ଓ ସଫଳତା ସମ୍ପର୍କରେ ଉପସ୍ଥିତ ଥିବା ଚାଷୀମାନଙ୍କୁ ଏହାର ସୁବିଧା ନେଇ ନିଜ ଆୟ ବୃଦ୍ଧି କରିବାରେ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ସିଏମ୍ ଯୋଜନାର ପଂଚମ କିସ୍ତି ବାବଦରେ ୩୩୩ ଜଣ ଭୂମିହୀନ ଚାଷୀ ଏବଂ ୧ ଲକ୍ଷ ୭୦ ହଜାର ୪୯୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମୋଟ୍ ୧ ଲକ୍ଷ ୭୦ ହଜାର ୮୨୭ ଜଣ ଚାଷୀଙ୍କୁ ୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସାମଲ ସୂଚନା ଦେଇଥିଲେ। ଯୋଜନା ଅନୁଯାୟୀ ପ୍ରତ୍ୟେକ ଭୂମିହୀନ ଚାଷୀଙ୍କୁ ୫ ହଜାର ଟଙ୍କା ଏବଂ କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକରୁ ୧୩୭ ଜଣ ଚାଷୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର ଡିଏଲ ଏବଂ ଆରସିକୁ ନେଇ ନିୟମ ବଦଳିପାରେ : ଗଡ଼କରୀ

**ନୂଆଦିଲ୍ଲୀ**

ଭାରତରେ ଖୁବଶୀଘ୍ର ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଏବଂ ଭେହିକଲ ରେଜିଷ୍ଟ୍ରେସନ ସାର୍ଟିଫିକେଟ (ଆରସି)କୁ ନେଇ ନିୟମ ବଦଳିପାରେ। ଡ୍ରାଇଭିଂ ଲାଇସେନ୍ସ ଓ ଆରସି ପାଇଁ ଏକ ଗ୍ରେଡେଡ ପଏଣ୍ଟ ସିଷ୍ଟମ ଲାଗୁ କରିବା ନେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ବିଚାର କରୁଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏନେଇ ସୂଚନା ଦେଇଛନ୍ତି।

ପ୍ରସ୍ତାବିତ ବ୍ୟବସ୍ଥା ଲାଗୁ ହେଲେ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କ ଲାଇସେନ୍ସ ସସ୍ପେଣ୍ଡ କିମ୍ବା ବାତିଲ ହୋଇପାରେ। ଅନ୍ୟପଟେ ଦାୟିତ୍ୱବାନ ଭାବେ ଗାଡ଼ି ଚଳାଉଥିବା ଏବଂ ସ୍ୱଚ୍ଛ ଡ୍ରାଇଭିଂ ରେକର୍ଡ ରଖିଥିବା ଚାଳକଙ୍କୁ ରିୱାର୍ଡ ଦେବାର ମଧ୍ୟ ବ୍ୟବସ୍ଥା ରହିପାରେ।

ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମାନୁଫ୍ୟାକଚର୍ସର ୬୬ତମ ବାର୍ଷିକ ସମ୍ମିଳନୀରେ ନିତିନ ଗଡ଼କରୀ କହିଛନ୍ତି ଯେ, ମନ୍ତ୍ରଣାଳୟ ଏଭଳି ଏକ ସିଷ୍ଟମ ପ୍ରସ୍ତୁତ କରୁଛି,




ଯେଉଁଥିରେ ଟ୍ରାଫିକ ନିୟମ ଉଲ୍ଲଂଘନକୁ ସିଧାସଳଖ ଡ୍ରାଇଭିଂ ଲାଇସେନ୍ସର ରେକର୍ଡ ସହିତ ଯୋଡ଼ାଯିବ।

ଗଡ଼କରୀଙ୍କ କହିବା ଅନୁଯାୟୀ, ଡ୍ରାଇଭିଂ ଲାଇସେନ୍ସ ଓ ଭେହିକଲ ରେଜିଷ୍ଟ୍ରେସନ ସାର୍ଟିଫିକେଟରେ ଗ୍ରେଡେଡ ପଏଣ୍ଟ ସିଷ୍ଟମ ଆଣିବାକୁ ଯୋଜନା ରହିଛି। ଏହା ଲାଗୁ ହେଲେ ପ୍ରତ୍ୟେକ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭିଂ ଲାଇସେନ୍ସରୁ ନିର୍ଦ୍ଦିଷ୍ଟ ପଏଣ୍ଟ କଟାଯିବ। ଯେତେବେଳେ ଜଣେ ଚାଳକଙ୍କ ପେନାଲ୍ଟି ପଏଣ୍ଟ ନିର୍ଦ୍ଦିଷ୍ଟ ସୀମା ବା ଥ୍ରେଶହୋଲ୍ଡରେ ପହଞ୍ଚିବ, ସେତେବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଏପରିକି ଲାଇସେନ୍ସ ସସ୍ପେଣ୍ଡ କିମ୍ବା ବାତିଲ ମଧ୍ୟ କରାଯାଇପାରେ।

ପ୍ରସ୍ତାବିତ ପଏଣ୍ଟ ସିଷ୍ଟମ କେବଳ ନିୟମ ଭାଙ୍ଗୁଥିବା ଚାଳକଙ୍କୁ ଦଣ୍ଡ ଦେବା ପାଇଁ ନୁହେଁ। ଭଲ ଡ୍ରାଇଭିଂ ରେକର୍ଡ ରଖୁଥିବା ଚାଳକଙ୍କୁ ପ୍ରୋତ୍ସାହନ ଦେବାର ମଧ୍ୟ ବ୍ୟବସ୍ଥା ରହିବ। ଯେଉଁ ଚାଳକମାନେ ନିୟମ ମାନି ଦାୟିତ୍ୱବାନ ଭାବେ ଗାଡ଼ି ଚଳାଇବେ ଏବଂ ଯାହାଙ୍କ ଡ୍ରାଇଭିଂ ରେକର୍ଡ ସଫା ରହିବ, ସେମାନଙ୍କୁ ବିଭିନ୍ନ ପ୍ରକାରର ଲାଭ ଦିଆଯାଇପାରେ। ଏଥିରେ ଇନସୁରାନ୍ସ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିପାରୁଥିବା ଇନ୍‌ସେଣ୍ଟିଭ ମଧ୍ୟ ସାମିଲ ହୋଇପାରେ।

# ରାଜ୍ୟରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି : ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଓଡ଼ିଶାକୁ ହତାଦର କରି ଅନ୍ୟ ରାଜ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରୁଛି ଏଫସିଆଇ। ଓଡ଼ିଶାରୁ ଚାଉଳ ଉଠୁନଥିବାରୁ ଧାନ କ୍ରୟରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ସ୍ୱୀକାର କରିଛନ୍ତି ଯୋଗାଣ ମନ୍ତ୍ରୀ। ଏହାକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସଞ୍ଜୟ ଦାସବର୍ମା କହିଥିଲେ ଯେ, ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ, କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କୁ ବିଶେଷ ପ୍ରୋତ୍ସାହନ ଦେଉଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ପ୍ରଗତି ଦୁଇ ଗୁଣିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା, ତାହା ଆଜି ମିଥ୍ୟା ପ୍ରମାଣିତ ହୋଇଛି। ଚାଷ ଆରମ୍ଭରୁ ଚାଷୀମାନେ ସାର ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ପଞ୍ଜିକରଣରେ ଅବ୍ୟବସ୍ଥା, ମଣ୍ଡିରେ କଟନି ଛଟନିର ଶିକାର, ମଣ୍ଡିରେ ମିଲର୍‌ମାନଙ୍କ ଅରାଜକତା ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀକୂଳ। ବର୍ତ୍ତମାନ ଏଫସିଆଇ ଓଡ଼ିଶାରୁ ଚାଉଳ ନ ଉଠାଇବା ଯୋଗୁଁ ରାଜ୍ୟବ୍ୟାପୀ ଅଚଳାବସ୍ଥା ସୃଷ୍ଟି ହୋଇଛି। ଯାହାକୁ ଆଗାମୀ ଦିନରେ ମଣ୍ଡିରେ ଧାନ କ୍ରୟ ସମୟରେ ଗୁରୁତର ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସମାଧାନ କରିବା ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ତାଙ୍କର ଅସହାୟତାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଯୋଗାଣ ମନ୍ତ୍ରୀ ବକ୍ତବ୍ୟ ରଖିଛନ୍ତି ଯେ, କେନ୍ଦ୍ର ସରକାର ଆମ କଥା ଶୁଣୁ ନାହାନ୍ତି। ୭ ଥର ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଓଡ଼ିଶାରୁ ଏଫସିଆଇ ଚାଉଳ ଉଠାଇବା ନେଇ ଆଲୋଚନା କରିଥିବା ମନ୍ତ୍ରୀ କହିଥିଲେ। କିନ୍ତୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ କଥା ଶୁଣୁ ନାହାନ୍ତି। ଏଫସିଆଇ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା ଖୋଦ୍ ମନ୍ତ୍ରୀ ସ୍ୱୀକାର କରିଛନ୍ତି। କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଏମିତି ଅବିଚାର କାହିଁକି କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଓଡ଼ିଶାବାସୀଙ୍କ ନିକଟରେ ଡବଲ ଇଞ୍ଜିନ ସରକାରଙ୍କ ମୁଖା ଖୋଲିଯାଇଛି। ଓଡ଼ିଶା ପ୍ରତି ବିଜେପି ସରକାର ଯେଉଁ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି, ତାହା ଆଦୌ ଗ୍ରହଣୀୟ ନୁହେଁ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଓଡ଼ିଶାରୁ ସେପ୍ଟେମ୍ବର ମାସ ସୁଦ୍ଧା ୩୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାର ଥିଲା, କିନ୍ତୁ କେନ୍ଦ୍ରର ଅବହେଳା ପାଇଁ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉ ନାହିଁ। ମାତ୍ର ୭ରୁ ୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇଥିବା ବେଳେ ଅବଶିଷ୍ଟ ଚାଉଳ ପଡି ରହିଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ମନ୍ତ୍ରୀଙ୍କ କଥା ଶୁଣି ଚାଷୀ କୂଳ ହତାସ ହୋଇଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାବେଳେ ଏଫସିଆଇ ସରକାରଙ୍କ ଏକ ଅଂଶବିଶେଷ। କିନ୍ତୁ ଏଫସିଆଇ ଓଡ଼ିଶା ସରକାରଙ୍କ କଥା ଶୁଣୁନଥିବା ମନ୍ତ୍ରୀ କହିଛନ୍ତି। ଜଣେ ବିଭାଗୀୟ ମନ୍ତ୍ରୀ ଏପରି କହିବା ଛୋଟ କଥା ନୁହେଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରୁ ସର୍ବାଧିକ ପରିମାଣର ଚାଉଳ ଉଠାଯାଇଥିଲା। ଓଡ଼ିଶା ୫ ଥର କୃଷି କର୍ମଣ ପୁରସ୍କାର ପାଇଥିଲା। କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ଓଡ଼ିଶାରୁ ବିଜେପିର ୨୦ ଲୋକସଭା ଓ ୫ ରାଜ୍ୟସଭା ସାଂସଦ ଥାଇ ଓଡ଼ିଆ ଅବହେଳିତ ହେବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ନିକଟରେ ଓଡିଶାର ସ୍ୱାର୍ଥ ପାଇଁ ମୁହଁ ନ ଖୋଲି ସାଂସଦମାନେ ଚୁପ ରହିବା ଅତ୍ୟନ୍ତ ନିନ୍ଦନୀୟ। ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ବାରମ୍ବାର ଉପେକ୍ଷିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରି ଓଡ଼ିଶାରୁ ଚାଉଳ ଉଠାନ୍ତୁ, ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ।

# ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାର ସଠିକ୍ ଉପଯୋଗ ନେଇ ମନ୍ତ୍ରୀଙ୍କ ପରାମର୍ଶ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ 'ସି.ଏମ୍-କିଷାନ୍' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରିଛନ୍ତି।

ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ଆନୁକୁଲ୍ୟ ରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଏବଂ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସି.ଏମ୍-କିଷାନ୍ ଯୋଜନାର ଆଭିମୁଖ୍ୟ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପ୍ୟାକେଜ, ଇନ ପୁଟ ସବସିଡି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଚାଷୀ ଭାଇ ମାନଙ୍କୁ ଚାଷ କାର୍ଯ୍ୟ ଆଗେଇ ନେବା ନିମନ୍ତେ ବର୍ଷକୁ ଦୁଇ ଥର ଯଥା: ଖରିଫ ଫସଲ ଓ ରବି ଫସଲ ନିମନ୍ତେ ବାର୍ଷିକ ଦୁଇଥର ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଉଛି। ଚାଷୀ ଭାଇମାନେ ଏହି ସହାୟତା ରାଶିକୁ ପ୍ରକୃତ ଉଦ୍ଦେଶ୍ୟରେ ବିନିଯୋଗ କରି ଉପକୃତ ହୋଇପାରିଲେ ସରକାରଙ୍କର ଏହି ଯୁଗାନ୍ତକାରୀ ପଦକ୍ଷେପର ସଫଳ ରୂପାୟନ ହୋଇପାରିବ ବୋଲି ଯାଜପୁର ସାଂସଦ ଉପସ୍ଥିତ ସମସ୍ତ କୃଷକ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମନ୍ତ୍ରୀ ଶ୍ରୀ ବଳସାମନ୍ତ ସମସ୍ତ ଚାଷୀଭାଇ ଓ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇ ବିସ୍ତୃତ ଭାବରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ , ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି,ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଗୋପୀନାଥ ବେହେରା ଯୋଗଦାନ କରିଥିଲେ । ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ, ଜିଲ୍ଲା କୃଷି ଅଧିକାରୀ, ଯାଜପୁର ତଥା କୃଷି ବିଭାଗର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଉପ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, ଯାଜପୁର ମନୋଜ କୁମାର ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଜିଲ୍ଲା ବିଜେପିର ମାସିକ ସାଙ୍ଗଠନିକ ବୈଠକ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଜିଲ୍ଲାର ମାସିକ ସାଙ୍ଗଠନିକ ବୈଠକ ହୋଇଥିଲା । ବୈଠକରେ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି ଏବଂ ସଂଯୁକ୍ତା ନାଏକ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ରାଜକୁମାର ମେହେର ବୈଠକକୁ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରକାର ସାଙ୍ଗଠନିକ କାର୍ଯ୍ୟ ଏବଂ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ବିଭିନ୍ନ ଜନ ହିତକର ଯୋଜନା ପାଇଥିବା ଲାଭାର୍ଥି ମାନଙ୍କୁ ସମ୍ପର୍କ କରିବା ପାଇଁ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଦଳକୁ ଏବଂ କାର୍ଯ୍ୟକର୍ତ୍ତା ମାନଙ୍କୁ ସୁଦୃଢ଼ କରିବା ପାଇଁ ଦଳୀୟ ପଦାଧିକାରୀ ମାନଙ୍କ ମଣ୍ଡଳ, ଶକ୍ତିକେନ୍ଦ୍ର ବୁଥ୍‌କୁ ପ୍ରବାସ ନିହାତି ଆବଶ୍ୟକ ବୋଲି ଜିଲ୍ଲା ସଭାପତି କହିଥିଲେ । ବୈଠକରେ ଜିଲ୍ଲା ପଦାଧିକାରୀ, ଜିଲ୍ଲାର ପୂର୍ବତନ ସଭାପତି, ସମସ୍ତ ମଣ୍ଡଳ ସଭାପତି, ସମସ୍ତ ମୋର୍ଚ୍ଚା ସଭାପତି ମାନେ ଉପସ୍ଥିତ ଥିଲେ ।

# ବାଇକ୍ ସହ ଗଞ୍ଜେଇ ଜବତ : ଜଣେ ଗିରଫ

**ପାଟଣାଗଡ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଗୁଣ୍ଡୁରୁପାଲି ଗାଁ ନିକଟରୁ ପୋଲିସ୍ ଶୁକ୍ରବାର ଅପରାହ୍ନରେ ଏକ ମୋଟର ସାଇକେଲ ସହ ୧୦ କେଜି ୯ ସହ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଗିରଫ୍ ଅଭିଯୁକ୍ତ ଜଣକ ହେଲେ ପଡିଆବାହାଲ ପଞ୍ଚାୟତ ନିକଟସ୍ଥ ସାନଉଡେନ ଗାଁର ଈଶ୍ୱର ଜାଲ (୩୫) ବୋଲି ଜଣାଯାଇଛି।ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ୍ ପେଟ୍ରୋଲିଂ କଲାବେଳ ଗୁଣ୍ଡୁରୁପାଲି ଗାଁ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ମୋଟର ସାଇକେଲକୁ ଅଟକାଇ ତନଖି କଲା ବେଳେ ଏକ ଗ୍ଲେମର୍ ମୋଟର ସାଇକେଲ ସିଟ ରେ ଅଭିନବ ଉପାୟରେ ଭର୍ତ୍ତି କରି ଚାଲାଣ ହେଉଥିବା ୧୦ କେଜି ୯ ସହ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏନେଇ ଖପ୍ରାଖୋଲ ଥାନା ପୋଲିସ୍ କେସ ନମ୍ବର ୧୮୧/୨୬ ରେ ଏକ ମାମଲା ରୁଜୁ କରିଛି ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୬ ସେପ୍ଟେମ୍ବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ନୂଆଦିଲ୍ଲୀ : ରାଷ୍ଟ୍ରପତି ଭବନରେ ଗୁରୁଦିବସ ଓ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

## କଟକ ସହରର ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟା

# ଜିଲ୍ଲାପାଳଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ହାଇକୋର୍ଟ

**କଟକ, ୦୫/୦୯ ନ୍ୟୁଜ ବ୍ୟୁରୋ**

କଟକ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ନେଇ ହାଇକୋର୍ଟରେ ହାଜର ହୋଇଥିବା କଟକ ଜିଲାପାଳଙ୍କ ଉପରେ ଅସନ୍ତୋଷ ଜାହିର କଲେ ହାଇକୋର୍ଟ । ଉଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ପାଳନ କରିବା ପରିବର୍ତ୍ତେ କୋର୍ଟଙ୍କୁ ପରାମର୍ଶ ଦେବା କ୍ଷମତା ଜିଲାପାଳଙ୍କ ନାହିଁ ବୋଲି ସ୍ପଷ୍ଟ କଲେ ହାଇକୋର୍ଟ । କଟକ ସହର ଟ୍ରାଫିକ ସମସ୍ୟା ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଶନିବାର ହାଇକୋର୍ଟରେ ହାଜର ହୋଇଥିଲେ କଟକ ଜିଲ୍ଲାପାଳ । ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ କାହିଁକି ପାଳନ ହୋଇନାହିଁ ବୋଲି ଜିଲ୍ଲାପାଳଙ୍କୁ ଜବାବ ତଲବ କରିଥିଲେ । ଅପରପକ୍ଷରେ ଏହି ସମସ୍ୟାର



ସମାଧାନ ଦାୟିତ୍ୱ ଜିଲ୍ଲା ସଡ଼କ ସୁରକ୍ଷା କମିଟିକୁ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହେବା ସହ ହାଇକୋର୍ଟଙ୍କୁ ପରାମର୍ଶ ଦେବା କ୍ଷମତା ଜିଲାପାଳଙ୍କର ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ । ଏଥିସହ ଜିଲାପାଳଙ୍କ ପକ୍ଷରୁ ଦାଖଲ ସତ୍ୟପାଠକୁ ମଧ ଅଗ୍ରାହ୍ୟ କରିଦେଇଥିଲେ । ସହରର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ୨୦୧୧ରୁ ଟ୍ରାଫିକ ପରିଚାଳନା କମିଟି ଓ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଗଠନ ହୋଇଥିଲା । ଏହା ମଧ୍ୟରେ ଗାଡ଼ିମଟର ସଂଖ୍ୟା ବଢ଼ିଛି । ହେଲେ ସେହି ଅନୁସାରେ ରାସ୍ତା ସମ୍ପ୍ରସାରଣ ହୋଇନାହିଁ । ତେଣୁ ଏହି ପରିପ୍ରେକ୍ଷୀରେ ପୁରୁଣା କମିଟି ପରିବର୍ତ୍ତେ ସଡ଼କ ସୁରକ୍ଷା ବିଶେଷଜ୍ଞଙ୍କୁ ନେଇ କିଭଳି ଉତ୍ତମ ଟ୍ରାଫିକ ପରିଚାଳନା କରିହେବ ସେନେଇ ଉଦ୍ୟମ ନିହାତି ଆବଶ୍ୟକ । ତେଣୁ ଏଭଳି ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଭାବେ କମିଟି ଗଠନ କରିବା ପାଇଁ ପରାମର୍ଶ ଦେବା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି ସଡ଼କ ସୁରକ୍ଷା ବିଶେଷଜ୍ଞ । କଟକ ସହରରେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ କୋର୍ଟ ଦେଇଥିବା ନିର୍ଦ୍ଦେଶ ଜିଲାପାଳ ନ ମାନିବା ପରେ କୋର୍ଟ ତାଙ୍କୁ ତାଗିଦ୍ କରିବା ପରୋକ୍ଷରେ ଦର୍ଶାଇ ଦେଇଛି କି ସହରବାସୀଙ୍କ ସମସ୍ୟା ପ୍ରତି ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କ ତତ୍ପରତା ସନ୍ତୋଷଜନକ ନୁହେଁ ।

# କିମ୍ସରେ ଦୁର୍ଲଭ ହାଇବ୍ରିଡ୍ ଅସ୍ତ୍ରୋପଚାର



**ଭୁବନେଶ୍ୱର, ୫।୯ ନ୍ୟୁଜ ବ୍ୟୁରୋ**

ଏକାଧିକ ଜୀବନଘାତୀ ମହାଧମନୀ ଆନ୍ୟୁରିଜମ୍‌ରେ ପୀଡ଼ିତ ୫୭ ବର୍ଷୀୟ ଜନୈକ ବ୍ୟକ୍ତିଙ୍କଠାରେ କିମ୍ସରେ ସଫଳତାର ସହ ଜଟିଳ ହାଇବ୍ରିଡ୍ ଅସ୍ତ୍ରୋପଚାର କରାଯାଇଛି । ମହାଧମନୀର ଭିତର ପାର୍ଶ୍ୱ ଫୁଲିଗଲେ ଆନ୍ୟୁରିଜମ୍ ସୃଷ୍ଟି ହୁଏ । ଏହା ଫାଟିଗଲେ ଅତ୍ୟଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ । ପୂର୍ବରୁ ୨୦୨୪ରେ ସେ କିମ୍ସରେ ଚିକିତ୍ସିତ ହୋଇଥିଲେ ମଧ ତାଙ୍କଠାରେ ପୁନର୍ବାର ଆନ୍ୟୁରିଜମ୍ ସୃଷ୍ଟି ହୋଇଥିଲା । ସେତେବେଳେ ଡାକ୍ତରମାନେ ମହାଧମନୀ ଭିତରେ ଷ୍ଟେଣ୍ଟ ଗ୍ରାଫ୍ଟ ପ୍ରତିରୋପଣ କରି ଦୁର୍ବଳ ଅଂଶକୁ ସୁଦୃଢ଼ କରିବା ସହ ଆନ୍ୟୁରିଜମ୍ ଫାଟିବାର ଆଶଙ୍କାକୁ ରୋକିଥିଲେ । କିଛି ମାସ ପର୍ଯ୍ୟନ୍ତ ସେ ସୁସ୍ଥ ଥିଲେ । ପରେ ପୁନର୍ବାର ଲକ୍ଷଣ ଦେଖାଦେବାରୁ କିମ୍ସ ଡାକ୍ତରମାନେ ଏହାର ପରୀକ୍ଷା କରାଇଥିଲେ । ପୂର୍ବରୁ ଷ୍ଟେଣ୍ଟ ଗ୍ରାଫ୍ଟ ଲଗାଯାଇନଥିବା ଅଂଶରେ ନୂଆ ଆନ୍ୟୁରିଜମ୍ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା । ଆନ୍ୟୁରିଜମ୍ ଫାଟିଗଲେ ବ୍ୟାପକ ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇପାରେ । ଏହା କେବେ ଫାଟିବ, ତାହା ଅନୁମାନ କରିବା କଷ୍ଟକର ହୋଇଥିବାରୁ ଏପରି ଆନ୍ୟୁରିଜମକୁ କିମ୍ସ ହୃଦଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନା ଟାଇମ୍ ବମ୍ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି କହିଛନ୍ତି । ରୋଗର ବ୍ୟାପକତାକୁ ଦୃଷ୍ଟିରେ ରଖି କିମ୍ସ ଡାକ୍ତରମାନେ ଓପନ୍ ସର୍ଜରି ଓ ସର୍ବନିମ୍ନ କ୍ଷତ ସୃଷ୍ଟି ହେଉଥିବା ଏଣ୍ଡୋଭାସ୍କୁଲାର ଚିକିତ୍ସାର ସମନ୍ୱୟରେ ହାଇବ୍ରିଡ୍ ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଡା. ସତ୍ୟଜିତ ସାମଲ ଓ ତାଙ୍କ କାର୍ଡିଓଭାସ୍କୁଲାର ଟିମ୍ ଏକ ବଡ଼ ଓପନ୍ ଅସ୍ତ୍ରୋପଚାର କରିଥିଲେ । ଏଥିରେ ପେଟର ବିଭିନ୍ନ ଅଙ୍ଗକୁ ରକ୍ତ ଯୋଗାଉଥିବା ପ୍ରମୁଖ ରକ୍ତନଳୀଗୁଡ଼ିକର ରକ୍ତପ୍ରବାହକୁ ବିକଳ୍ପ ପଥରେ ପ୍ରବାହିତ କରାଯାଇଥିଲା । ରୋଗାକ୍ରାନ୍ତ ଅଂଶକୁ ଏଡ଼ାଇବା ପାଇଁ କୃତ୍ରିମ ରକ୍ତନଳୀ ବ୍ୟବହାର କରାଯାଇଥିଲା । ଏହି ପର୍ଯ୍ୟାୟ ପ୍ରାୟ ୧୨ ଘଣ୍ଟା ଧରି ଚାଲିଥିଲା । ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ହୋଇଥିବା ବେଳେ ତାଙ୍କୁ ଡିସଚାର୍ଜ କରାଯାଇଛି । ଏହା ଅତ୍ୟନ୍ତ ଜଟିଳ ଓ ଚ୍ୟାଲେଞ୍ଜିଂ ଥିଲା ବୋଲି କିମ୍ସ କାର୍ଡିଆକ୍ ସର୍ଜନ ଡାକ୍ତର ସତ୍ୟଜିତ ସାମଲ୍ ପ୍ରକାଶ କରିଛନ୍ତି । ପୂର୍ବରୁ କିମ୍ସରେ ଏପରି ୪ରୁ ୫ଟି ଜଟିଳ ପ୍ରକ୍ରିୟା ସଂପନ୍ନ କରିଛି ଏବଂ ଅଧିକାଂଶ କ୍ଷେତ୍ରରେ ସଫଳତା ମିଳିଛି । ଡା. ସାମଲ ପ୍ରକାଶ କରିଛନ୍ତି । କାର୍ଡିଓଲୋଜି, ସିଟିଭିଏସ୍ ଓ ଅନ୍ୟାନ୍ୟ ବିଶେଷଜ୍ଞ ବିଭାଗର ସମନ୍ୱିତ ପ୍ରୟାସରେ ଏହି ସଫଳ ଚିକିତ୍ସା ସମ୍ଭବ ହୋଇଥିଲା । ଏହା ଓଡ଼ିଶାରେ ସଂପନ୍ନ ହୋଇଥିବା ଦୁର୍ଲଭ ଓ ଅତ୍ୟନ୍ତ ଜଟିଳ ମହାଧମନୀ ଚିକିତ୍ସା ପ୍ରକ୍ରିୟାଗୁଡ଼ିକ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି ।

## ଓମ୍ ପ୍ରାଣାୟମ କେନ୍ଦ୍ର ପକ୍ଷରୁ ଗୁରୁଦିବସ ପାଳିତ

# ଗୁରୁ ହିଁ ଶିଷ୍ୟଙ୍କୁ ଅନ୍ଧକାରରୁ ଆଲୋକର ମାର୍ଗ ପ୍ରଦର୍ଶିତ କରିଥାନ୍ତି






**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

ଓମ୍ ଅସତୋ ମା ସଦଗମୟ ତମସୋ ମା ଜ୍ୟୋତିର୍ଗମୟ...ଅନ୍ଧକାରରୁ ଆଲୋକର ମାର୍ଗକୁ ପଥ ପ୍ରଦର୍ଶିତ କରିଥାନ୍ତି ଗୁରୁ । ଶିଷ୍ୟଙ୍କ ପାଇଁ ଗୁରୁ ହିଁ ଆଲୋକବର୍ତ୍ତିକା ସଦୃଶ । ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ଅଧ୍ୟୟନରତ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିଥାନ୍ତି ଶିକ୍ଷକ । ଭଲ ପାଠ ପଢିବା ସହିତ ଜୀବନରେ ଭଲ ମଣିଷ ହେବା ପାଇଁ ଶିକ୍ଷକ ପରାମର୍ଶ ଦେଇଥାନ୍ତି । ଉତ୍ତମ ସଂସ୍କାର ଓ ଚରିତ୍ର ଗଠନ ପାଇଁ ଜୀବନର ପଥକୁ ସୁଗମ କରିଥାନ୍ତି ଗୁରୁଦେବ । ଗୁରୁଦେବ ଓ ଶିକ୍ଷକ ଦୁଇଟି ଶବ୍ଦର ପ୍ରାର୍ଥକ୍ୟକୁ ଠିକ୍ ଭାବେ ବୁଝିପାରିଲେ ଉତ୍ତମ ଶିକ୍ଷା ଲାଭ କରିବା ସହିତ ଉତ୍ତମ ଚରିତ୍ର ଗଠନ କ୍ଷେତ୍ରରେ ଏକ ସହାୟକ ପରିସ୍ଥିତି ସୃଷ୍ଟି ହୋଇଥାଏ ବୋଲି ପ୍ରାରମ୍ଭିକ ଜୀବନରେ ଶିକ୍ଷକ ଭାବରେ ଶିକ୍ଷା ପ୍ରଦାନ କରିଥିବା ଓ ପରବର୍ତ୍ତୀ କାଳରେ ୨୦୦୩ ମସିହାରୁ ଗତ ୨୪ ବର୍ଷ ହେଲା ବିଜୁ ପଟ୍ଟନାୟକ ପାର୍କରେ ଚାଲିଥିବା ଓମ୍ ପ୍ରାଣାୟମ କେନ୍ଦ୍ରର ବିଶିଷ୍ଟ ଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲା ମତପ୍ରକାଶ କରିଛନ୍ତି ।

ଓମ୍ ପ୍ରାଣାୟମ କେନ୍ଦ୍ର ପକ୍ଷରୁ ଆୟୋଜିତ ଗୁରୁଦିବସ ପାଳନ ଅବସରରେ ପ୍ରାଣାୟମ କେନ୍ଦ୍ରର ସଦସ୍ୟମାନଙ୍କ ଦ୍ୱାରା ଦିଆଯାଇଥିବା ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଅଗ୍ରୱାଲା କହିଛନ୍ତି ଯେ, ଅଧ୍ୟୟନକୁ ସରଳୀକରଣ ଓ ବୋଧଗମ୍ୟ କରିବା କ୍ଷେତ୍ରରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉପଯୁକ୍ତ ଅଧ୍ୟୟନ ପୂର୍ବକ ଉତ୍ତମ ଶିକ୍ଷାର୍ଥୀ ଭାବେ ନିଜକୁ ପ୍ରତିଷ୍ଠା କରିବା କ୍ଷେତ୍ରରେ ଶିକ୍ଷକମାନଙ୍କ ଅବଦାନ ଯଥେଷ୍ଟ । ବ୍ୟକ୍ତି ଚରିତ୍ରର ପୁନର୍ଗଠନ, ସଂସ୍କାରପୂର୍ଣ୍ଣ ସାମାଜିକ ଜୀବନଯାପନ ଆଗେଇ ନେବାରେ ଯୋଗ୍ୟ ଗୁରୁହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ପୁରାଣ ଓ ଶାସ୍ତ୍ରର ଟିପ୍ପଣୀ ଦେଇ ଶ୍ରୀ ଅଗ୍ରୱାଲା ଗୁରୁକୁଳ ଆଶ୍ରମ ଓ ଶୈକ୍ଷିକ ବାତାବରଣରେ ଗୁରୁମାନଙ୍କ ଭୂମିକାକୁ ସୁନ୍ଦର ଭାବରେ ଅବତାରଣ କରିଥିଲେ ।

'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ, ସ୍ତମ୍ଭକାର ମନ୍ମଥ କୁମାର ଶତପଥୀ ଗୁରୁଦିବସର ତାତ୍ପର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଗୁରୁଦିବସ ପାଳନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚିତ୍ତରଂଜନ ମହାରଣା, ସୁଦେଶ କୁମାର ରାଲହାନ, ଅଲେଖ ନାୟକ, ବାଦଲ ପରିଜା, ଅମ୍ବିକା ଦାସ, ବିରଞ୍ଚି ନାରାୟଣ ମହାନ୍ତି, ଡକ୍ଟର ବିଷ୍ଣୁ ଚରଣ ଦାଶ, ଦୀପ୍ତିରଂଜନ ମିଶ୍ର, ଗୋପବନ୍ଧୁ ନାୟକ, ହେମନ୍ତ ସାହୁ, କିଶୋର ଭାଇ ଖେମଜୀ, ମହେନ୍ଦ୍ର କୁମାର ମହାନ୍ତି, ମୀରାଜ ଅହମ୍ମଦ, ନବକିଶୋର ସାମଲ, ନିହାର ଦାସ, ପ୍ରଫୁଲ୍ଲ କୁମାର ରଥ, ପ୍ରମୋଦ ରଥ, ରାମଚନ୍ଦ୍ର ସାମନ୍ତରାୟ, ଯଶବୀର ସିଂଲା, ଡକ୍ଟର ଧରଣୀଧର ନନ୍ଦ ପ୍ରମୁଖ ଯୋଗଦେଇ ଗୁରୁଦିବସର ତାତ୍ପର୍ଯ୍ୟ ସଂପର୍କୀୟ ଆଲୋଚନାରେ ସ୍ୱକୀୟ ମତାମତ ଉପସ୍ଥାପନ କରିଥିଲେ ।

# ବିଷାକ୍ତ ସର୍ପ ଦଂଶନରେ ଚାଲିଗଲା ଦମ୍ପତିଙ୍କ ଜୀବନ





**ଭଦ୍ରକ ୫/୯ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ବନ୍ୟା ପ୍ଲାବିତ ଅଞ୍ଚଳରେ ବିଷାକ୍ତ ପାହାଡି ସାପ କାମୁଡାରେ ଚାଲିଗଲା ପତି ପତ୍ନୀଙ୍କ ଜୀବନ । ତିହିଡ଼ ବ୍ଲକ ପୀରହାଟ ଥାନା ଗୋବିନ୍ଦପୁର ପଞ୍ଚାୟତର ମଧୁପୁର ଗାଁରେ ଘଟିଛି ଏହିଭଳି ଏକ ଦୁଃଖଦ ଘଟଣା । ରାତିରେ ଶୋଇଥିବା ବେଳେ ଏହି ଅଘଟଣ ଘଟିଥିଲା । ଆଗପଛ ହୋଇ ମାତ୍ର କେଇ ଘଣ୍ଟା ବ୍ୟବଧାନରେ ଚାଲିଗଲା ସ୍ୱାମୀ-ସ୍ତ୍ରୀଙ୍କ ଜୀବନ । ଗତ ଗୁରୁବାର ରାତିରେ ସ୍ୱାମୀ-ସ୍ତ୍ରୀ ଖାଇ ସାରି ଶୋଇଥିଲେ । ତେବେ ଶୋଇଥିବା ବେଳେ ସ୍ତ୍ରୀ ପ୍ରମିଳା ବାରିକଙ୍କର ହଠାତ ତଳି ପେଟରେ ଭୀଷଣ ଯନ୍ତ୍ରଣା ସହିତ ତଣ୍ଟି ଶୁଖିଯିବା ସହ ପ୍ରବଳ ଯନ୍ତ୍ରଣା ଆରମ୍ଭ ହୋଇଯାଇଥିଲା । ତାଙ୍କୁ ତୁରନ୍ତ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଶୁକ୍ରବାର ଦିନ ସକାଳେ ଶବକୁ ଘରକୁ ଆଣି ସାହିଭାଇମାନେ ମାଟି ଖୋଳି ପୋତି ଦେଇଥିଲେ । ଏହାର କିଛି ସମୟ ପରେ ସ୍ୱାମୀ ପରମାନନ୍ଦ ବାରିକ (୫୦)ଙ୍କୁ ଅନୁରୂପ ଲକ୍ଷଣ ସହିତ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ତେଣୁ ବିଳମ୍ବ ନକରି ଗ୍ରାମବାସୀ ତୁରନ୍ତ ପରମାନନ୍ଦଙ୍କୁ ପ୍ରଥମେ ତିହିଡି ଡାକ୍ତରଖାନା ଏବଂ ପରେ ଭଦ୍ରକ ଡାକ୍ତରଖାନା ନେଇଯାଇଥିଲେ । ତେବେ ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ କଟକ ରେଫର କରାଯାଇଥିଲା । କଟକ ନେବା ବାଟରେ ଭଣ୍ଡାରିପୋଖରୀ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା । ପରମାନନ୍ଦଙ୍କ ମୃତଦେହ ବ୍ୟବଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ଫେରାଇ ଅଣାଯାଇଥିଲା । ତେବେ ପତି ପତ୍ନୀଙ୍କୁ ବିଷାକ୍ତ ସାପ କାମୁଡିଥିବା ଆଶଙ୍କା କରି ପୁଲିସ ଉପସ୍ଥିତିରେ ଶନିବାର ଦିନ ପୋତାଯାଇଥିବା ପତ୍ନୀ ପ୍ରମିଳା ବାରିକଙ୍କ ଶବକୁ ଖୋଳାଯାଇ ବାହାର କରାଯାଇ ବ୍ୟବଛେଦ ପାଇଁ ଭଦ୍ରକ ଡାକ୍ତରଖାନା ପଠାଯାଇଛି । ଶନିବାର ମଧ୍ୟାହ୍ନ ସୁଦ୍ଧା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଭୟେ ସ୍ୱାମୀ-ସ୍ତ୍ରୀଙ୍କ ମୃତ ଦେହ ବ୍ୟବଛେଦ କରାଯାଇ ଶବ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ପରେ ଭଦ୍ରକର ସାପ ଧରାଳୀ ମିର୍ଜା । ମଧୁପୁର ଗାଁରେ ପହଞ୍ଚି ପତିପତ୍ନୀ ମୃତ୍ୟୁବରଣ କରିଥିବା ଘର ଭିତରେ କାନ୍ଥ ତଳେ ଲୁଚି ରହିଥିବା ଏହି ବିଷଧର ପାହାଡି ଚିତି ସାପକୁ ଧରିଥିଲେ । ସାପ ଧରାଳୀ ମିର୍ଜାଙ୍କ କହିବା ଅନୁଯାଇ ଏହି ସାପଟି ଅତ୍ୟନ୍ତ ମାରାତ୍ମକ ଏବଂ ବିଷଧର ଅଟେ । ତେବେ ଶୋଇଥିବା ବେଳେ ଏହି ସର୍ପ ଦଂଶନ ହୋଇଥିବା ଯୋଗୁ ବିଷ ଖୁବ୍ ଶୀଘ୍ର ସେମାନଙ୍କ ଦେହରେ ଚରି ଯାଇଥିଲା । ଯାହା ଫଳରେ ସେମାନଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିନାହିଁ । ଗ୍ରାମବାସୀଙ୍କ କହିବା ଅନୁଯାଇ ବନ୍ୟା ପାଣିରେ ବହୁ ବିଷଧର ସାପ ଭାସିଆସି ଘରେ ଆଶ୍ରୟ ନେଇଛନ୍ତି । କେବଳ ପରମାନନ୍ଦ ନୁହଁ ଅନେକଙ୍କ ଘରେ ଏହି ବିଷାକ୍ତ ସାପ କେଉଁଠି ନା କେଉଁଠି ଲୁଚି ରହିଛନ୍ତି , ଯାହାକୁ ଠାବ କରାଯିବା ନିହାତି ଜରୁରୀ ।

# ୨୦ଗ୍ରାମ୍ ବ୍ରାଉନସୁଗାର ଜବତ : ୩ ଗିରଫ



**ଧର୍ମଶାଳା, ୫/୦୯ ନ୍ୟୁଜ ବ୍ୟୁରୋ**

ଧର୍ମଶାଳା ଅଞ୍ଚଳରେ ଡ୍ରଗ୍ସ କାରବାର ବୃଦ୍ଧି ପାଉଥିବା ବେଳେ ଶନିବାର ଧର୍ମଶାଳା ପୋଲିସକୁ ଏକ ସଫଳତା ମିଳିଛି । ଏହିଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ କାରବାର କରୁଥିବା ସମୟରେ ପୋଲିସ ୩ଜଣଙ୍କୁ କାବୁ କରିଛି । ସେମାନଙ୍କ ଠାରୁ ୨୦ଗ୍ରାମ୍ ବ୍ରାଉନ ସୁଗାର ଜବତକରିଛି, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ । ଶନିବାର ଅପରାହ୍ନରେ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ଼ ଏସଡିପିଓ ଶରତଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁଯାୟୀ ଧର୍ମଶାଳା ଥାନାର ସବ୍ ଇନ୍ସପେକ୍ଟର ଦିଲୀପ କୁମାର ଦେହୁରୀ ଓ ଅନ୍ୟ ଷ୍ଟାଫ ପାଟ୍ରୋଲିଂ କରୁଥିବା ସମୟରେ ନିକଟସ୍ଥ ପାହାଡ଼ରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବରପାଇ ସେମାନଙ୍କୁ କାବୁ କରିଥିଲେ । ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଧର୍ମଶାଳା ତହସିଲଦାର ଓ ୨ ଜଣ ସାକ୍ଷୀଙ୍କ ଉପସ୍ଥିତରେ ଆସାମୀଙ୍କୁ ଧରିବା ସଙ୍ଗେ ସଙ୍ଗେ ସେମାନଙ୍କ ଠାରୁ ୭୨ଟି ପୁଡିଆ ଯାହାକି ୨୦ଗ୍ରାମ୍ ବ୍ରାଉନସୁଗାର, ୩୧୩୦ ଟଙ୍କା, ୨ଟି ମୋବାଇଲ ଫୋନ, ଗୋଟିଏ ବାଇକ ଜବତ ହୋଇଛି । ଆସାମୀମାନେ ହେଲେ ସେକ ଆଲାରଖା (୩୨), ସେକ ଗୁଲଦସ୍ତା (୩୦) ଓ ସେକ ମହମ୍ମଦ ଚାନ୍ଦ (୩୭) । ଏ ସମ୍ପର୍କରେ ଧର୍ମଶାଳା ଥାନା କେସ ନଂ ୩୭୫/ ୫. ୯.୨୬ ମାମଲା ରୁଜୁକରି ତଦନ୍ତ ଚାଲିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଅନ୍ୟ ସହକର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୫/୦୯/୨୦୨୬
୩,୮୩,୯୮୮/- ଟଙ୍କା
ସୁନା:- ୦୨ ଗ୍ରାମ୍ ୫୫୦ମିଲିଗ୍ରାମ
ରୂପା:-୧୩ ଗ୍ରାମ୍ ୨୦୦ମିଲିଗ୍ରାମ



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
02-08th September 2026 • Bhubaneswar
ସିକ୍କିମର ୭ ହିମହ୍ରଦକୁ ନେଇ ବଢ଼ିଲା ଚିନ୍ତା

### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସରକାରଙ୍କ କଥା ମାନିଲେ ଶିକ୍ଷକ : ସ୍ଥଗିତ ରଖିଲେ ଆନ୍ଦୋଳନ



**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

୮ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ୨୧ ଦିନ ଧରି ଧାରଣାରତ ଥିବା ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଶନିବାର ସନ୍ଧ୍ୟାରେ ଆନ୍ଦୋଳନ ସ୍ଥଗିତ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାରଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା ପରେ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆଗାମୀ ବିଧାନସଭା ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ସୂଚନାଯୋଗ୍ୟ ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳକୁ ଯାଇ ସମାଧାନ ପ୍ରତିଶ୍ରୁତି ଦେଇଥିଲେ । ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ୨୧ ଦିନ ଧରି ଆନ୍ଦୋଳନ ଜୋରଦାର ହୋଇଥିଲା । ସେମାନେ ଅଭିଯୋଗ କରିଥିଲେ ଯେ, ୨୫ରୁ ୩୦ ବର୍ଷ ଧରି ଶିକ୍ଷାଦାନ କରୁଛନ୍ତି । ପିଢିଏ ପରେ ପିଢ଼ି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଛନ୍ତି । ହେଲେ ନିଜ ଭବିଷ୍ୟତ ପାଇଁ ଆଜି ରାଜରାସ୍ତାରେ ଲଢ଼ିବାକୁ ପଡୁଛି । ଆନ୍ଦୋଳନକାରୀ ଶିକ୍ଷକମାନଙ୍କ ଦାବିଗୁଡିକ ହେଉଛି -ଅନୁଦାନରୁ ବଞ୍ଚିତ ୧୯୪ ଓ ଅନ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ, ଅଧାପକ ଓ କର୍ମଚାରୀଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ସମସ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା ଓ ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ'ର ଅସଙ୍ଗତି ଦୂର କରିବା ଏବଂ ସପ୍ତମ ବେତନରୁ ବାଦ୍ ପଡ଼ିଥିବା ଶିକ୍ଷକଙ୍କୁ ସପ୍ତମ ବେତନ ପ୍ରଦାନ କରିବା ।

### ଖୁବ୍‌ଶୀଘ୍ର ଶିକ୍ଷକଙ୍କ ସମସ୍ୟା ସମାଧାନ ହେବ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ

ବିଭିନ୍ନ ଦାବି ନେଇ ଲୋୟର ପିଏମଜିରେ ଧାରଣାରେ ବସି ରହିଥିବା ଶିକ୍ଷକଙ୍କୁ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଶନିବାର ଶିକ୍ଷକ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଖୁବ କମ୍ ସମୟରେ ସମସ୍ୟା ସମାଧାନ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି । ମନ୍ତ୍ରୀ କହିଛନ୍ତି ଏନେଇ କମିଟି ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇ ସାରିଛି । ଶିକ୍ଷକମାନଙ୍କ ପ୍ରତିନିଧି ମଣ୍ଡଳୀ ଆସି ଆମ ସହ ଆଲୋଚନା କରନ୍ତୁ । ଆମେ ପ୍ରତିନିଧି ମଣ୍ଡଳୀ ସହ ବିସ୍ତୃତ ଭାବେ ଆଲୋଚନା କରିବୁ ।



RNI Regd. No.: ODIODI/2016/24704
With Sambad Kalika ₹ 4.00
ଶିକ୍ଷକଙ୍କ ଦାୟିତ୍ୱ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଭାବେ ଗଢ଼ିବା : ରାଷ୍ଟ୍ରପତି

### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com